RNI No.ODIODI/2010/33031
୧୬ ବର୍ଷ Volume-16
ISSUE -291 ସଂଖ୍ୟା-୨୯୧
ଭୁବନେଶ୍ୱର, ଗୁରୁବାର ୦୫ ଫେବୃଆରୀ ୨୦୨୬
Bhubaneswar, Thursday 05 February, 2026
୦୮ ପୃଷ୍ଠା Pages-08
ମୂଲ୍ୟ : ୨.୦୦ ଟଙ୍କା Price : Rs.2.00
www.odishamanthan.com

MANTHAN
ମନ୍ଥନ
www.odishamanthan.com RNI No. ORIORI/2010/33031
ଏକ ନିର୍ଭୀକ ନିରପେକ୍ଷ ଦୈନିକ ସମ୍ବାଦପତ୍ର



# ଶ୍ୱେତଗଙ୍ଗାରେ ପିଣ୍ଡଦାନ କଲେ ମହାମହିମ

ପୁରୀ,୪।୨(ନି.ପ୍ର.): ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁ ଆଜି ପୂର୍ବାହ୍ନରେ ଶ୍ୱେତଗଙ୍ଗାରେ ପିଣ୍ଡଦାନ କରିବା ସହ ଶ୍ରୀମନ୍ଦିର ଯାଇ ମହାପ୍ରଭୁଙ୍କ ଦର୍ଶନ କରିଛନ୍ତି । ଲୋକ ଭବନରୁ ବାହାରି ରାଷ୍ଟ୍ରପତି ଭିଆଇପି ରୋଡ୍, ମେଡିକାଲ ଛକ , କାକୁଡିଖାଇ ଛକ ଦେଇ ଶ୍ୱେତଗଙ୍ଗାରେ ପହଞ୍ଚିଥିଲେ ।ସେଠାରେ ପୂଜାର୍ଚ୍ଚନା ଓ ପିଣ୍ଡଦାନ ପରେ ଏମାର ମଠ ଚକଡା ଦେଇ ସିଂହଦ୍ୱାର ନିକଟରେ ପହଞ୍ଚିଥିଲେ ।ସେଠାରେ ଗଜପତି ମହାରାଜା ଦିବ୍ୟସିଂହ ଦେବ , ରାଜ୍ୟପାଳ ଡ. ହରିବାବୁ କମ୍ଭମପାଟି, ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ,ଉପ ମୁଖ୍ୟମନ୍ତ୍ରୀ ପ୍ରଭାତୀ ପରିଡା, ପିପିଲି ବିଧାୟକ ଆଶ୍ରିତ ପଟ୍ଟନାୟକ, ସତ୍ୟବାଦୀ ବିଧାୟକ ଓମ ପ୍ରକାଶ ମିଶ୍ର,ପୁରୀ ବିଧାୟକ ସୁନୀଲ କୁମାର ମହାନ୍ତି, ବ୍ରହ୍ମଗିରି ବିଧାୟିକା ଉପାସନା ମହାପାତ୍ର,ଶ୍ରୀମନ୍ଦିର ମୁଖ୍ୟ ପ୍ରଶାସକ ଡଃ ଅରବିନ୍ଦ କୁମାର ପାଢୀ,ପୁଲିସ ଆଇଜି ଅରୁଣ କୁମାର ସାହୁ,ଜିଲ୍ଲାପାଳ ଦିବ୍ୟ ଜ୍ୟୋତି ପରିଡା,ଏସପି ପ୍ରତୀକ ସିଂ ପ୍ରମୁଖ ରାଷ୍ଟ୍ରପତି ଙ୍କୁ ସ୍ୱାଗତ କରିଥିଲେ ।ପରେ ରାଷ୍ଟ୍ରପତି ପାଦ ପ୍ରକ୍ଷାଳନ କରି ଅରୁଣ ସ୍ତମ୍ଭ ନିକଟରେ ପହଞ୍ଚି ପ୍ରଣାମ କରିଥିଲେ। ସିଂହଦ୍ୱାର ଦେଇ ପତିତପାବନଙ୍କ ଦର୍ଶନ ସାରି ବାଇଶି ପାହାଚ ଟପି ଶ୍ରୀଜୀଉ ମାନଙ୍କୁ ଦର୍ଶନ କରିଥିଲେ ।ଦର୍ଶନ ପରେ ଫେରିବା ପଥରେ ରାଷ୍ଟ୍ରପତି, ରାଜ୍ୟପାଳ, ମୁଖ୍ୟମନ୍ତ୍ରୀ ଓ ଉପ ମୁଖ୍ୟମନ୍ତ୍ରୀ କିଛି ସମୟ ବାଇଶି ପାହାଚ ରେ ବସିଥିଲେ। ସିଂହଦ୍ୱାର ନିକଟରେ ଶ୍ରୀମନ୍ଦିର ପ୍ରଶାସନ ପକ୍ଷରୁ ରାଷ୍ଟ୍ରପତିଙ୍କୁ ମହାପ୍ରଭୁଙ୍କ ବେଶ ଫଟୋ ଦେଇ ସମ୍ବର୍ଦ୍ଧିତ କରାଯାଇଥିଲା ।ରାଷ୍ଟ୍ରପତି ଙ୍କ ଶ୍ରୀଜୀଉ ମାନଙ୍କୁ ଦର୍ଶନ ସମୟରେ ଛତିଶା ନିଯୋଗ ନାୟକ ଜନାର୍ଦ୍ଦନ ପାଟଯୋଶୀ ମହାପାତ୍ର, ପରିଚାଳନା କମିଟି ସଦସ୍ୟ ସିଦ୍ଧେଶ୍ୱର ମହାପାତ୍ର, ମଧୁସୂଦନ ସିଂହାରୀ,ରାମ ନାରାୟଣ ଗୋଛିକାର,କୃଷ୍ଣଚନ୍ଦ୍ର ସାମନ୍ତରା,ଜଗନ୍ନାଥ ପୂଜାପଣ୍ଡା ପ୍ରମୁଖ ଉପସ୍ଥିତ ଥିଲେ ।ପରେ ରାଷ୍ଟ୍ରପତି ଚାଲି ଚାଲି ଶ୍ରୀମନ୍ଦିର କାର୍ଯ୍ୟାଳୟ ପର୍ଯ୍ୟନ୍ତ ଯିବା ସହ ପିଲା ମାନଙ୍କୁ ଚକଲେଟ ବଣ୍ଟନ କରିଥିଲେ।



## ରାଇରଙ୍ଗପୁରରେ ବିଭିନ୍ନ ଉନ୍ନୟନମୂଳକ ପ୍ରକଳ୍ପର ଉଦଘାଟନ ଓ ଶିଳାନ୍ୟାସ କଲେ ରାଷ୍ଟ୍ରପତି

ଭୁବନେଶ୍ୱର,୪।୨(ନି.ପ୍ର.): ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁ ବୁଧବାର ରାଇରଙ୍ଗପୁରଠାରେ ମହାରାଜା ଶ୍ରୀରାମ ଚନ୍ଦ୍ର ଭଞ୍ଜ ଦେଓ ବିଶ୍ୱବିଦ୍ୟାଳୟର ସୂଚନା ପ୍ରଯୁକ୍ତିବିଦ୍ୟା କ୍ୟାମ୍ପସ ଉଦଘାଟନ କରିଛନ୍ତି। ଏଥିସହିତ ସେ ଆୟୁଷ ହସ୍ପିଟାଲ ତଥା ଆୟୁର୍ବେଦିକ କଲେଜ, ଓଡିଶା କୃଷି ଓ ବୈଷୟିକ ବିଶ୍ୱବିଦ୍ୟାଳୟ କ୍ୟାମ୍ପସ, ଧନୁର୍ବିଦ୍ୟା କେନ୍ଦ୍ର, ସହର ସୌନ୍ଦର୍ଯ୍ୟକରଣ ଏବଂ ଜଳ ନିଷ୍କାସନ ଉନ୍ନତିକରଣ ପ୍ରକଳ୍ପ, ପ୍ରେକ୍ଷାଳୟ ଓ ସାଂସ୍କୃତିକ କେନ୍ଦ୍ର, ଛାତ୍ରୀନିବାସ ଏବଂ ନିଶା ନିବାରଣ କେନ୍ଦ୍ର ପାଇଁ ଭିତିପ୍ରସ୍ତର ସ୍ଥାପନ କରିଛନ୍ତି।

ଏହି ଅବସରରେ ରାଷ୍ଟ୍ରପତି କହିଥିଲେ, ଭାରତ ସରକାରଙ୍କ ପୂର୍ବୋଦୟ ଦୃଷ୍ଟିକୋଣ ଓଡ଼ିଶାର ବିକାଶକୁ ପ୍ରାଥମିକତା ଦେଇଥାଏ। ମୟୂରଭଞ୍ଜ ଜିଲ୍ଲା ଏହି ଦୃଷ୍ଟିକୋଣରୁ ଯଥେଷ୍ଟ ଲାଭ ପାଉଛି। ଏହି ବିକାଶମୂଳକ ପ୍ରକଳ୍ପ, ପ୍ରତିଷ୍ଠାନ ଏବଂ ଯୋଜନାଗୁଡ଼ିକ ସ୍ଥାନୀୟ ଅଞ୍ଚଳକୁ ଲାଭାନ୍ୱିତ କରିବ ଏବଂ ଏଠାକାର ଲୋକଙ୍କ ପାଇଁ ନୂତନ ନିଯୁକ୍ତି ସୁଯୋଗ ସୃଷ୍ଟି କରିବ ବୋଲି ରାଷ୍ଟ୍ରପତି ବିଶ୍ୱାସ ପ୍ରକଟ କରିଥିଲେ। ରାଷ୍ଟ୍ରପତି କହିଥିଲେ, ଭାରତ ସରକାର ଆଦିବାସୀ ଭାଇଭଉଣୀମାନଙ୍କ ଆର୍ଥିକ ବିକାଶ ପାଇଁ ବିଶେଷ ପ୍ରୟାସ କରୁଛି। ପ୍ରଧାନମନ୍ତ୍ରୀ ବନ ଧନ ଯୋଜନା ମାଧ୍ୟମରେ ୯୦ ରୁ ଅଧିକ କ୍ଷୁଦ୍ର ବନଜାତ ଦ୍ରବ୍ୟ ପାଇଁ ସର୍ବନିମ୍ନ ସହାୟକ ମୂଲ୍ୟ ଧାର୍ଯ୍ୟ କରାଯାଇଛି । କ୍ଷୁଦ୍ର ଋଣ ଯୋଜନା ମାଧ୍ୟମରେ ସ୍ୱୟଂ ସହାୟକ ଗୋଷ୍ଠୀର ଆଦିବାସୀ ସଦସ୍ୟମାନଙ୍କୁ ଋଣ ଯୋଗାଇ ଦିଆଯାଉଛି। ସେହିପରି ଅନୁସୂଚିତ ଜନଜାତି ମହିଳା ସଶକ୍ତିକରଣ ଯୋଜନା ଅଧୀନରେ ଆଦିବାସୀ ମହିଳାଙ୍କୁ କମ ସୁଧରେ ଋଣ ପ୍ରଦାନ ସରକାରଙ୍କ ପ୍ରତିବଦ୍ଧତାର ଉଦାହରଣ। ସରକାର ଉତମ ସ୍ୱାସ୍ଥ୍ୟ ଏବଂ ଶିକ୍ଷା ସୁବିଧା ପାଇଁ ମଧ କାର୍ଯ୍ୟ କରୁଛନ୍ତି।

# ହ୍ୱାଟ୍ସଆପରେ ୨୪ ଘଣ୍ଟିଆ ରାଜସ୍ୱ ସେବା



ଭୁବନେଶ୍ୱର ,୦୪।୨ (ନି.ପ୍ର.): ଏଣିକି ବାରମ୍ବାର ତହସିଲ ଅଫିସ ଗୈାଡିବେନି ଲୋକେ। ହ୍ୱାଟସଆପରେ ମିଳିବ ରାଜସ୍ୱ ସେବା। ୨୪ ଘଣ୍ଟିଆ ସେବା ଯୋଗାଇ ଦେବ ବିଭାଗ। ହ୍ୱାଟସଆପରେ ଗ୍ରହଣ କରାଯିବ ଜମିଜମା ବାବଦରେ ସବୁ ଅଭିଯୋଗ ଓ ଆବେଦନ। ହ୍ୱାଟସଆପରେ ରାଜସ୍ୱ ମନ୍ତ୍ରୀଙ୍କୁ ସିଧାସଳଖ କରିପାରିବେ ଅଭିଯୋଗ। ଦୁର୍ନୀତି ଅଭିଯୋଗ ଆସିଲେ ବଡ ଆକ୍ସନ। ସୂଚ଼ନା ଦେଲେ ରାଜସ୍ୱ ମନ୍ତ୍ରୀ ସୁରେଶ ପୂଜାରୀ।

ଗୁରୁବାର ୫୫ଟି ତହସିଲ ଅଫିସକୁ ରେଜିଷ୍ଟ୍ରି ଅଫିସରେ ରୂପାନ୍ତରିତ କରାଯିବ। ଏହା ସହ ହ୍ୱାଟସଆପ ସେବାକୁ ସ୍ୱତନ୍ତ୍ର କାର୍ଯ୍ୟକ୍ରମ ମାଧ୍ୟମରେ ମୁଖ୍ୟମନ୍ତ୍ରୀ ଉନ୍‌ମୋଚ଼ନ କରିବେ। ଏନେଇ ରାଜସ୍ୱ ମନ୍ତ୍ରୀ ସୂଚ଼ନା ଦେଇଛନ୍ତି। ସେ କହିଛନ୍ତି ଯେ, ହ୍ୱାଟସଆପ ମଧ୍ୟମରେ ରାଜସ୍ୱ ବିଭାଗ ୨୪ ଘଣ୍ଟିଆ ସେବା ଯୋଗାଇଦେବ। ଜମିଜମା ବାବଦରେ ସମସ୍ତ ଅଭିଯୋଗ ଓ ଆବେଦନ ଗ୍ରହଣ କରାଯିବ। ସେହିପରି ଜାତି ପ୍ରମାଣପତ୍ର ସହ ରାଜସ୍ୱ ସେବା ଗୁଡିକ ମିଳିବ। ଏହାସହ ସମୟ ସୀମା ମଧ୍ୟରେ ସମସ୍ୟାର ସମାଧାନ କରାଯିବ। ଏହାଦ୍ୱାରା ଦୁର୍ନୀତି ବନ୍ଦ ହେବା ସହ ବାରମ୍ବାର ଲୋକଙ୍କୁ ତହସିଲ ଅଫିସକୁ ଗୈାଡ଼ିବାକୁ ପଡ଼ିବ ନାହିଁ। ନିର୍ଦ୍ଧିଷ୍ଟ ସମୟ ଭିତରେ ସମସ୍ୟା ସମାଧାନ କରାନଗଲେ କିମ୍ବା ଦୁର୍ନୀତି ଅଭିଯୋଗ ଆସିଲେ ସଂପୃକ୍ତ ଅଧିକାରୀଙ୍କ ଉପରେ କଡା କାର୍ଯ୍ୟାନୁଷ୍ଠାନ ନିଆଯିବ। ସେହିପରି କାମ ନହେଲେ ସିଧାସଳଖ ରାଜସ୍ୱ ମନ୍ତ୍ରୀଙ୍କ ପାଖକୁ ମଧ ଅଭିଯୋଗକାରୀ ହ୍ୱାଟସଆପ୍ କରିପାରିବେ।

# କାରାଭ୍ୟାନ୍ ଟୁରିଷ୍ଟ ସେବା ଆରମ୍ଭ

## ଗାଡ଼ିରେ ପାଇବେ ତାରକା ହୋଟେଲର ମଜା

ଭୁବନେଶ୍ୱର,୨୬।୧(ନି.ପ୍ର.): ପର୍ଯ୍ୟଟକଙ୍କୁ ଅଭୂତପୂର୍ବ ଆନନ୍ଦ ଦେବାକୁ ଆରମ୍ଭ ହୋଇଛି କାରାଭ୍ୟାନ୍ ସେବା। କାରାଭ୍ୟାନ୍ ଟୁରିଷ୍ଟ ସେବାର ଦ୍ୱିତୀୟ ପର୍ଯ୍ୟାୟର ଆଜି ଶୁଭାରମ୍ଭ ହୋଇଛି। ଆଜି ଧଉଳି ପର୍ଯ୍ୟଟନ କ୍ଷେତ୍ରରୁ ଏହାର ୨ୟ ପର୍ଯ୍ୟାୟର ଶୁଭାରମ୍ଭ ହୋଇଛି। ଭିଜିଏଫ ଯୋଜନା ଦ୍ୱାରା ଏହାର ଶୁଭାରମ୍ଭ କରିଛନ୍ତି ଉପମୁଖ୍ୟମନ୍ତ୍ରୀ ପ୍ରଭାତୀ ପରିଡ଼ା। ପର୍ଯ୍ୟଟନ କ୍ଷେତ୍ରରେ ଏହା ଅତ୍ୟାଧୁନିକ ଓ ଆରାମଦାୟକ ସେବା ଯୋଗାଇବ। ଗାଡ଼ିରେ ଶୌଚାଳୟ ଠାରୁ ଶୋଇବା ସହ କିଚେନ୍ ବ୍ୟବସ୍ଥା ରହିଛି। ଏହା ହୀରାକୁଦ, ଦେବ୍ରିଗଡ଼, ଶିମିଳିପାଳ, ଚିଲିକା, ଭିତରକନିକା, ସାତକୋଶିଆ, ଦେଓମାଳି ଭଳି ପର୍ଯଟନ କ୍ଷେତ୍ରରେ ସେବା ଉପଲବ୍ଧ ହେବ।

ଏହା ଓଡିଶାର ବିଳାସପୂର୍ଣ୍ଣ କାରାଭାନ୍। ପ୍ରଥମ ପର୍ଯ୍ୟାୟରେ ଜାନୁୟାରୀ ୨୫ରେ ହୋଇଥିବା ବେଳେ ଆଜି ଦ୍ୱିତୀୟ ପର୍ଯ୍ୟାୟର ଶୁଭାରମ୍ଭ ହୋଇଛି। ଏହାର ପରିଚାଳନା ଦାୟିତ୍ୱରେ ଥିବା ବିକାଶ ଇକୋ ରିସୋର୍ଟସ୍ ପୂର୍ବରୁ ଚିଲିକାରେ ପ୍ରଥମ ବିଳାସପୂର୍ଣ୍ଣ କ୍ରୁଜ୍ ଚଳାଇଥିଲା ବେଳେ ଏବେ ରାଜ୍ୟରେ କାରାଭ୍ୟାନ୍ ସେବା ଆରମ୍ଭ କରିଛନ୍ତି।

# ଜମ୍ମୁ କାଶ୍ମୀରରେ ଶହେରୁ ଅଧିକ ଅପରେସନ୍

ଶ୍ରୀନଗର, ୪।୨(ନି.ପ୍ର.): ଆଜି ଜମ୍ମୁ ଓ କାଶ୍ମୀରର ଉଧମପୁରରେ ଜୈସ୍-ଏ-ମହମ୍ମଦର ଦୁଇ ଆତଙ୍କୀଙ୍କୁ ଏନକାଉଣ୍ଟରରେ ନିହତ କରିଛି ଭାରତୀୟ ସେନା । ସୁରକ୍ଷା ବାହିନୀ ଉଧମପୁରର ବସନ୍ତଗଡ଼ ଅଞ୍ଚଳରେ ଥିବା ଆତଙ୍କୀଙ୍କ ଏକ ଆଡ୍ଡାକୁ ବିସ୍ଫୋରଣ କରି ନଷ୍ଟ କରିଛି । ଯେଉଁଥିରେ ପାକିସ୍ତାନର ଶୀର୍ଷ କମାଣ୍ଡର ମାଭି ସମେତ ଦୁଇ ଜୈସ୍-ଏ-ମହମ୍ମଦ ଆତଙ୍କବାଦୀ ନିହତ ହୋଇଛନ୍ତି । ଜମ୍ମୁ କାଶ୍ମୀର ପୁଲିସର

### ଅପରେସନ୍ କିୟାରେ ୨ ଆତଙ୍କବାଦୀ ନିହତ

ଏକ ନିର୍ଦ୍ଦିଷ୍ଟ ଇଣ୍ଟେଲିଜେନ୍ ଇନପୁଟ୍ ପରେ ଫେବୃଆରୀ ୩ରେ 'କିୟା' କୋଡ୍ ନାମରେ ଏକ ଅପରେସନ୍ ଆରମ୍ଭ ହୋଇଥିଲା, ଯାହା ସେହି ଅଞ୍ଚଳରେ ଜୈସ୍ ଆତଙ୍କବାଦୀଙ୍କ ଉପସ୍ଥିତି ବିଷୟରେ ସୂଚ଼ନା ଦେଇଥିଲା ।

ଜମ୍ମୁ କାଶ୍ମୀର ପୁଲିସର ଏକ ମିଳିତ ଟିମ୍, ହ୍ୱାଇଟ୍ ନାଇଟ୍ କର୍ପସ (୧୬ କର୍ପସ) ଅଧୀନରେ ଥିବା ଏକ ଏଲିଟ୍ ଭାରତୀୟ ସେନା ୟୁନିଟ ସିଆଇଏଫ ଡେଲ୍ଟା ଏବଂ କେନ୍ଦ୍ରୀୟ ରିଜର୍ଭ ପୋଲିସ ଫୋର୍ସ ବସନ୍ତଗଡ଼ର ଜୋଫର ଜଙ୍ଗଲର ସାଧାରଣ ଅଞ୍ଚଳରେ ମିଳିତ ଆତଙ୍କବାଦ ବିରୋଧୀ ଅଭିଯାନ ଚ଼ଳାଇଥିଲେ । ଆତଙ୍କବାଦୀଙ୍କ ଉପସ୍ଥିତି ଠାବ କରିବା ପାଇଁ କ୍ୟାମେରା ଲାଗିଥିବା ସ୍ନିଫର କୁକୁରମାନଙ୍କୁ ନିୟୋଜିତ କରାଯାଇଥିଲା । ସାରା ରାତି ଗୁଳି ବିନିମୟ ଜାରି ରହିଥିଲା । ସୁରକ୍ଷା ବାହିନୀ ଗୁମ୍ଫା



ଆଡ୍ଡାର ମୁହଁକୁ ଟାର୍ଗେଟ୍ କରି ରକେଟ୍-ପ୍ରେପେଲ୍ଡ ଗ୍ରେନେଡ୍ ଗୁଳି ଚ଼ଳାଇ ଉଭୟ କମାଣ୍ଡରଙ୍କୁ ନିପାତ କରିଥିଲେ । ଆତଙ୍କବାଦୀଙ୍କଠାରୁ ଏମ୍୪ ରାଇଫଲ୍, ଏକେ-୪୭ ଏବଂ ବିପୁଳ ପରିମାଣର ଗୁଳିଗୋଳା ଜବତ କରାଯାଇଥିଲା । ଭାରତୀୟ ସେନା କହିଛି 'ଅପରେସନ ସଫଳତାର ସହ ଶେଷ ହୋଇଛି । ଆତଙ୍କବାଦୀମାନେ ରହିଥିବା ଅଞ୍ଚଳ ଏବେ ବି ସେନାର ନଜରରେ ଅଛି । ଆମେ ସେବା କରୁ, ଆମେ ସୁରକ୍ଷା ଦେଉ !' ମାସ ମାସ ଧରି ଏହି ଅଞ୍ଚଳରେ ଆତଙ୍କବାଦୀମାନେ ଏକ ଘାଟି ସ୍ଥାପନ କରି ଯୋଗାଣ ସଂଗ୍ରହ କରିବାକୁ ଯୋଜନା କରୁଥିବା ଜଣାପଡ଼ିଛି । ଡିସେମ୍ବର ୧୫ରେ ସେହି ଅଞ୍ଚଳରେ ଜଣେ ସ୍ୱତନ୍ତ୍ର ପୁଲିସ ଅଧିକାରୀଙ୍କୁ ହତ୍ୟା କରାଯିବାର ମାତ୍ର ସପ୍ତାହ ପରେ ସେମାନଙ୍କର ନିପାତ ସ୍ଥାନୀୟ ଲୋକଙ୍କ ପାଇଁ ଆଶ୍ୱସ୍ତି ଆଣିଛି । କେନ୍ଦ୍ର ଗୃହମନ୍ତ୍ରୀ ଅମିତ ଶାହ ସୁରକ୍ଷା ପରିସ୍ଥିତି ସମୀକ୍ଷା କରିବା ଏବଂ ଅନେକ ବିକାଶମୂଳକ ପ୍ରକଳ୍ପ ଆରମ୍ଭ କରିବା ପାଇଁ ଜମ୍ମୁ କାଶ୍ମୀର ଗସ୍ତ କରିବାର କିଛି ଘଣ୍ଟା ପୂର୍ବରୁ ଆତଙ୍କବାଦ ବିରୋଧରେ ଚ଼ାଲିଥିବା ଲଢେଇରେ ସୁରକ୍ଷା ବାହିନୀ ପାଇଁ ଏକ ଗୁରୁତ୍ୱପୂର୍ଣ୍ଣ ବିଜୟ ।

ଜମ୍ମୁ କଶ୍ମୀରର ଉଧମପୁର ଜିଲ୍ଲାର ପାର୍ବତ୍ୟ ଏବଂ ଜଙ୍ଗଲ ଅଞ୍ଚଳରେ ମଙ୍ଗଳବାର ସୁରକ୍ଷା ବାହିନୀ ଏବଂ ଆତଙ୍କବାଦୀଙ୍କ ମଧ୍ୟରେ ଏକ ନୂତନ ଏନକାଉଣ୍ଟର ହୋଇଛି। ସୂତ୍ର ଅନୁଯାୟୀ ସୁରକ୍ଷା ବାହିନୀର ଘେରାବନ୍ଦୀ ମଧ୍ୟରେ ଦୁଇରୁ ତିନି ଜଣ ଜୈଶ-ଏ-ମହମ୍ମଦ ଆତଙ୍କବାଦୀ ଫସି ରହିଛନ୍ତି। ଆତଙ୍କବାଦୀଙ୍କ ମଧ୍ୟରୁ ଜଣେ ନିହତ ହୋଇଥିବା ସୂଚ଼ନା ମିଳିଛି, କିନ୍ତୁ ଏହାକୁ ସରକାରୀ ଭାବରେ ନିଶ୍ଚିତ କରାଯାଇ ନାହିଁ ।ବିଳମ୍ବିତ ରାତି ପର୍ଯ୍ୟନ୍ତ ଏନକାଉଣ୍ଟର ଜାରି ରହିଥିଲା। ଜିଲ୍ଲାର ରାମନଗର ଏବଂ ବସନ୍ତଗଡ଼ ମଧ୍ୟରେ ଏକ ଦୁର୍ଗମ ଏବଂ ଦୁର୍ଗମ ଅଞ୍ଚଳ ଚ଼ିଗଲା ବାଲୋଟାରେ ସନ୍ଦେହଜନକ ଆତଙ୍କବାଦୀ ଗତିବିଧି ବିଷୟରେ ସୁରକ୍ଷା ବାହିନୀ ସୂଚ଼ନା ପାଇଥିଲେ। ଏହା ପରେ, ସେନା, ସିଆରପିଏଫ ଏବଂ ଜମ୍ମୁ କଶ୍ମୀର ପୋଲିସ ମିଳିତ ଭାବରେ ଏକ ବିଶାଳ ତଲାସୀ ଅଭିଯାନ ଆରମ୍ଭ କରିଥିଲେ। ସୁରକ୍ଷା ବାହିନୀ ଆଗକୁ ବଢ଼ିବା ସମୟରେ ଅପରାହ୍ନ ପ୍ରାୟ ୪ଟାରେ ଜାଗ୍ରେଡା ଅଞ୍ଚଳର ଘନ ଜଙ୍ଗଲରେ ଲୁଚ଼ି ରହିଥିବା ଆତଙ୍କବାଦୀମାନେ ଗୁଳି ଚ଼ଳାଇଥିଲେ। ସୁରକ୍ଷା ବାହିନୀ ପ୍ରତି ଜବାବ ଦେଇଥିଲା, ଯାହା ଫଳରେ ଏକ ଏନକାଉଣ୍ଟର ହୋଇଥିଲା।

ଆତଙ୍କବାଦୀଙ୍କ ଉପସ୍ଥିତି ସମ୍ପର୍କରେ ସୂଚ଼ନା ପାଇ ଉଧମପୁର ଜିଲ୍ଲାର ପାହାଡିଆ ଏବଂ ଜଙ୍ଗଲ ଅଞ୍ଚଳରେ ସର୍ଚ୍ଚ ଅପରେସନ୍ ପୂର୍ବରୁ ଚ଼ାଲିଛି। ଜାନୁଆରୀ ମାସରେ, କାଠୁଆ ଜିଲ୍ଲାରେ ଏକ ଏନକାଉଣ୍ଟରରେ ଜଣେ ଆତଙ୍କବାଦୀ ନିହତ ହୋଇଥିଲା, ଯେତେବେଳେ କିସ୍ତୱାର ଜଙ୍ଗଲରେ ଏକ ଅପରେସନ୍‌ରେ ଜଣେ ସେନା ସୈନିକ ସହିଦ ହୋଇଥିଲେ। ବର୍ତ୍ତମାନ ସାରା ରାଜ୍ୟରେ ଆତଙ୍କବାଦୀଙ୍କ ବିରୁଦ୍ଧରେ ପ୍ରାୟ ୧୦୦ ଟି ଅପରେସନ୍ ଚ଼ାଲିଛି।

## ସୁପ୍ରିମକୋର୍ଟରେ ମମତା

ନୂଆଦିଲ୍ଲୀ,୪।୩(ନି.ପ୍ର.): ପଶ୍ଚିମବଙ୍ଗର ମୁଖ୍ୟମନ୍ତ୍ରୀ ମମତା ବାନାର୍ଜୀ ସୁପ୍ରିମକୋର୍ଟ ପହଞ୍ଚିଛନ୍ତି । କିନ୍ତୁ ସେ ଓକିଲ ହୋଇ ସର୍ବୋଚ୍ଚ ନ୍ୟାୟାଳୟରେ ପହଞ୍ଚିଛନ୍ତି । ଆଜିର ଦିନଟି ଅଦାଲତର ଇତିହାସରେ ଏକ ଅଭିବନ ଦିନ କାରଣ ପ୍ରଥମ ଥର କୌଣସି ମୁଖ୍ୟମନ୍ତ୍ରୀ ସୁପ୍ରିମକୋର୍ଟରେ ଓକିଲ ଭାବେ ନିଜର ଦଲିଲ ରଖିବେ । ପଶ୍ଚିମବଙ୍ଗରେ ନିର୍ବାଚ଼ନ ପକ୍ଷରୁ ଚ଼ାଲିଥିବା ଭୋଟର ତାଲିକାର ପୁନଃନିରୀକ୍ଷଣକୁ ସୁପ୍ରିମକୋର୍ଟରେ ଚ୍ୟାଲେଞ୍ଜ କରାଯାଇଛି । ଏହା ଉପରେ ଶୁଣାଣି ଜାରି ରହିଛି । ଏହି ମାମଲାରେ ଦଲିଲ ଦେବା ପାଇଁ ସୁପ୍ରିମକୋର୍ଟ ପହଞ୍ଚିଛନ୍ତି ମମତା ବାନାର୍ଜୀ । ସିଏମ ମମତା ଅଦାଲତରେ ଇଣ୍ଟରଲକ୍ୟୁଟରୀ ଆବେଦନ ମଧ୍ୟ ଦାଖଲ କରିଛନ୍ତି।



ଏଥିରେ ସେ ଅଦାଲତରେ ହାଜର ହେବା ଏବଂ ବ୍ୟକ୍ତିଗତ ଭାବେ ଦଲିଲ ରଖିବାକୁ ଦାବି କରିଛନ୍ତି । ମଙ୍ଗଳବାର ହିଁ ମମତା ବାନାର୍ଜୀଙ୍କ ନାଁରେ ଗେଟ୍ ପାସ୍ ସୁପ୍ରିମକୋର୍ଟରେ ତିଆରି ହୋଇଥିଲା । ସାର ମାମଲାର ଶୁଣାଣି ପ୍ରଧାନ ବିଚ଼ାରପତି ସୂର୍ଯ୍ୟକାନ୍ତଙ୍କ ନେତୃତ୍ୱାଧୀନ ଖଣ୍ଡପୀଠ କରୁଛନ୍ତି । ଏହି ପୀଠରେ ବିଚ଼ାରପତି ଜୟମାଲା ବାଗଚ଼ୀ ଓ ବିଚ଼ାରପତି ବିପୁଲ ପାଞ୍ଚଲି ସାମିଲ୍ । ଏହି ମାମଲାରେ ମମତା ବାନାର୍ଜୀଙ୍କ ବ୍ୟତୀତ ଆଉ ତିନି ଯାଚ଼ିକା ଦାଖଲ ହୋଇଛି । ଏଥିରୁ ଦୁଇଟି ଯାଚ଼ିକା ଟିଏମସି ସାଂସଦ ଡେରେକ ଓ ବ୍ରାଏନ ଓ ଡୋଲା ସେନ ଦାଖଲ କରିଛନ୍ତି । ଏହି ମାମମଲାରେ ମମତା ବାନାର୍ଜୀଙ୍କ କହିବା କଥା କାହିଁକି ବିରୋଧୀ ପାର୍ଟି ବିଶିଷ୍ଟ ତିନୋଟି ରାଜ୍ୟରେ ଏହା କରାଯାଉଛି । ଓଲଟା ଆସାମରେ ଏହାର ପ୍ରକ୍ରିୟା ଚ଼ାଲୁନି । କିନ୍ତୁ ବିରୋଧୀ ଦଳ ଯେଉଁ ରାଜ୍ୟରେ ସରକାରରେ ଅଛନ୍ତି ସେଠି ସାର ପ୍ରକ୍ରିୟା କରାଯାଉଛି ।

## ବଢ଼ିବ ମହାନଦୀ ଟ୍ରିବ୍ୟୁନାଲର କାର୍ଯ୍ୟକାଳ, କେନ୍ଦ୍ରକୁ ଚ଼ିଠି ଲେଖିଲେ ସରକାର

ଭୁବନେଶ୍ୱର,୪।୨(ନି.ପ୍ର.): ବଢିବ ମହାନଦୀ ଟ୍ରିବ୍ୟୁନାଲ କାର୍ଯ୍ୟକାଳ। ଆହୁରି ୯ ମାସ ବୃଦ୍ଧି କରିବାକୁ ଚ଼ିଠି ଲେଖିଲେ ରାଜ୍ୟ ସରକାର। ଏନେଇ ରାଜସ୍ୱ ମନ୍ତ୍ରୀ ସୁରେଶ ପୂଜାରୀ ସୂଚ଼ନା ଦେଇଛନ୍ତି। ସେ କହିଛନ୍ତି ଯେ, ଜଳ ବିବାଦ ସମସ୍ୟାର ସମାଧାନ ସମୟ ସାପେକ୍ଷ। ଆଲୋଚ଼ନା ମାଧ୍ୟମରେ ସମସ୍ୟାର ସମାଧାନ ହେବ।

ମନ୍ତ୍ରୀ କହିଛନ୍ତି ଯେ, ଗଣତନ୍ତ୍ର ବ୍ୟବସ୍ଥାରେ ଆଲୋଚ଼ନା ମାଧ୍ୟମରେ ସମସ୍ୟାର ସମାଧାନ ହେବ। ଆନ୍ତଃ ମନ୍ତ୍ରୀସ୍ତରୀୟ କମିଟିର ଅଧ୍ୟକ୍ଷ ମୁଖ୍ୟମନ୍ତ୍ରୀଙ୍କ ସହ ଆଲୋଚ଼ନା କରିଛନ୍ତି। ଟ୍ରିବ୍ୟୁନାଲରେ ମହାନଦୀ ଜଳ ବିବାଦର ସମସ୍ୟା ସମାଧାନ ସମୟ ସାପେକ୍ଷ। କଥାବାର୍ତ୍ତା ମଧ୍ୟମରେ ସମସ୍ୟାର ସମାଧାନ କରିବୁ। ବିଧାନସଭାରେ ପୂର୍ବତନ ଜଳ ସମ୍ପଦ ମନ୍ତ୍ରୀ ଯେଉଁ ଭୁଲ ତଥ୍ୟ ଦେଇଥିଲେ, ତାକୁ ଅସ୍ତ୍ର ଭାବେ ବ୍ୟବହାର କରୁଛି ଛତିଶଗଡ଼।

### ଡାହୁକ



ଭକୁଆ ନୁହଁନ୍ତି
ଦେଶର ଜନତା
କଥା ଶୁଣି ହେବେ ବାଇ
ମିଛୁଆ ରାଧୁଆ
ଗାଲୁଆ ସାଜିଲେ
ବାଘ ଯିବ ସାରା ଖାଇ।
-ବିଧୂ

# ଶିଶୁ ବାଟିକା ପିଲାଙ୍କୁ ମିଳିବ ମାଗଣା ପୋଷାକ

ଭୁବନେଶ୍ୱର୪।୨(ନି.ପ୍ର.):: ଶିଶୁ ବାଟିକା ପିଲାଙ୍କୁ ମାଗଣା ପୋଷାକ ବଣ୍ଟନ କରାଯିବ । ଫେବୃଆରୀ ୧୫ ସୁଦ୍ଧା ମାଗଣା ପୋଷାକ ଏବଂ ଆନୁସାଙ୍ଗିକ ସାମଗ୍ରୀ ବଣ୍ଟନ ଶେଷ କରିବାକୁ ଓଡ଼ିଶା ସ୍କୁଲ ଶିକ୍ଷା କାର୍ଯ୍ୟକ୍ରମ ପ୍ରାଧିକରଣ ବା ଓସେପା ସମସ୍ତ ଜିଲ୍ଲା ଶିକ୍ଷା ଅଧିକାରୀଙ୍କୁ ନିର୍ଦ୍ଦେଶ ଦେଇଛି।

ଓସେପା ଅତିରିକ୍ତ ନିର୍ଦ୍ଦେଶିକା (ସାଧାରଣ) ସଙ୍ଗୀତା ବେହେରା ସମସ୍ତ ଡିଇଓଙ୍କୁ ଚ଼ିଠି ଲେଖି ନିର୍ଦ୍ଦେଶ ଦେଇଛନ୍ତି । ୨୦୨୫-୨୬ ଶିକ୍ଷାବର୍ଷ ପାଇଁ ପ୍ରତି ଶିଶୁ ପିଛା ୧,୦୦୦ ଟଙ୍କା ହିସାବରେ ପାଣ୍ଠି ମଞ୍ଜୁର କରାଯାଇଛି। ଏଥିରେ ପ୍ରତି



ଛାତ୍ରଛାତ୍ରୀଙ୍କୁ ଦୁଇ ହଳ ପୋଷାକ, ଜୋତା, ମୋଜା, ଟି-ସାର୍ଟ, ଟ୍ରାକ୍ ପ୍ୟାଣ୍ଟ, ଟୋପି ଏବଂ ପରିଚ଼ୟ ପତ୍ର ପ୍ରଦାନ କରାଯିବ । ପ୍ରଥମ ଶ୍ରେଣୀର ଛାତ୍ରଛାତ୍ରୀଙ୍କୁ ମିଳୁଥିବା ୟୁନିଫର୍ମ ହିସାବରେ ପୋଷାକଗୁଡ଼ିକର ରଙ୍ଗ, ଡିଜାଇନ୍ ଏବଂ ଗୁଣବତ୍ତା ରହିବ । ସ୍ୱଚ୍‌ଛତା ବଜାୟ ରଖିବା ପାଇଁ

### ଆସନ୍ତା ୧୫ ସୁଦ୍ଧା ବଣ୍ଟନ ଶେଷ କରିବାକୁ ନିର୍ଦ୍ଦେଶ

ଜିଲ୍ଲାସ୍ତରୀୟ କମିଟି ଦ୍ୱାରା ଅନୁମୋଦିତ ସ୍ୱୟଂ ସହାୟକ ଗୋଷ୍ଠୀ କିମ୍ବା ପୁରୁଣା ସଂସ୍ଥାଗୁଡ଼ିକ ମାଧ୍ୟମରେ ଏହି ସାମଗ୍ରୀ ସଂଗ୍ରହ କରାଯିବ । ଏଥିପାଇଁ କୌଣସି ନୂତନ ଟେଣ୍ଡର ଗ୍ରହଣ କରାଯିବ ନାହିଁ।

ଓସେପା ଏହି କାର୍ଯ୍ୟକ୍ରମକୁ 'ଅତି ଜରୁରୀ' ବିଭାଗରେ ସୂଚ଼ୀବଦ୍ଧ କରିଛି। ଡିଇଓ ଏବଂ ଡିପିସି ବଣ୍ଟନ ପ୍ରକ୍ରିୟାର ସିଧାସଳଖ ତଦାରଖ କରିବେ । ଜାତୀୟ ଶିକ୍ଷା ନୀତିର ସଫଳ ରୂପାୟନ ଏବଂ ପ୍ରାକ୍-ପ୍ରାଥମିକ ସ୍ତରରେ ଶିକ୍ଷାର୍ଥୀଙ୍କ ସଂଖ୍ୟା ବୃଦ୍ଧି କରିବା ଲକ୍ଷ୍ୟରେ ସରକାର ଏହି ବଡ଼ ନିଷ୍ପତ୍ତି ନେଇଛନ୍ତି। ଏଠାରେ ଉଲ୍ଲେଖ ଯୋଗ୍ୟ, ଗତବର୍ଷ ଏପ୍ରିଲ ୨ ତାରିଖରେ ମୁଖ୍ୟମନ୍ତ୍ରୀ ରାଜ୍ୟରେ ଜାତୀୟ ଶିକ୍ଷା ନୀତି ୨୦୨୦ ଲାଗୁ କରିଥିଲେ । ଏହି ଅବସରରେ ମୁଖ୍ୟମନ୍ତ୍ରୀ ଶିଶୁ ବାଟିକାର ଶୁଭାରମ୍ଭ କରିଥିଲେ । ଜାତୀୟ ଶିକ୍ଷା ନୀତି ୨୦୨୦ ଅଧୀନରେ ସବୁ ପ୍ରାଥମିକ ବିଦ୍ୟାଳୟରେ ଗୋଟିଏ ଲେଖାଏ ଶିଶୁ ବାଟିକା ଖୋଲାଯାଇଛି । ଏହି ସବୁ ଶିଶୁ ବାଟିକାରେ ୫ରୁ ୬ ବର୍ଷ ବୟସର ପିଲାମାନେ ପ୍ରାକ୍ ବିଦ୍ୟାଳୟ ଶିକ୍ଷା ଗ୍ରହଣ କରିବେ ।

## କ୍ୟାଡର୍ ମାଓବାଦୀ ସୁକ୍ରାମର ଆତ୍ମସମର୍ପଣ

ମାଲକାନଗିରି,୪।୨(ନି.ପ୍ର.): କେନ୍ଦ୍ର ଗୃହ ମନ୍ତ୍ରୀ ଅମିତ ଶାହ ମାଓବାଦୀଙ୍କୁ ଦେଇଥିବା ଡେଡ୍ ଲାଇନ୍ ଧିରେ ଧିରେ ଶେଷ ହୋଇ ଆସୁଛି । ଆଉ ଲାଲଗଡ଼ ମଧ ଦୁର୍ବଳ ହେବାରେ ଲାଗିଛି । ବୁଧବାର ପୁଣି ଜଣେ କ୍ୟାଡର୍ ମାଓବାଦୀ ସୁକ୍ରାମ ମାଡ଼କାମ ମାଲକାନଗିରି ଏସପିଙ୍କ ନିକଟରେ ଆତ୍ମ ସମର୍ପଣ କରିଛି । ସୁକ୍ରାମ ମୁଣ୍ଡ ଉପରେ ୨୧ ଲକ୍ଷ ଟଙ୍କା ପୁରସ୍କାର ରାଶି ଘୋଷଣା କରାଯାଇଥିଲା । ସେ ଓଡ଼ିଶା ଓ ଛତିଶଗଡ଼ ସୀମାରେ ବିଭିନ୍ନ ମାଓବାଦୀ ହିଂସାକାଣ୍ଡରେ ସାମିଲ ଥିଲା । ଏସ୍ଏଲ୍ଆର୍ ବନ୍ଧୁକ,



ଜୀବନ୍ତ ଗୁଳି, ଡିଟୋନେଟର୍, ତାର ଏବଂ ଅନ୍ୟାନ୍ୟ ମାଓ ସାମଗ୍ରୀ ଜବତ କରାଯାଇଛି । ସୁକ୍ରାମକୁ ବିଭିନ୍ନ ସରକାରୀ ସହାୟତା ପ୍ରଦାନ କରାଯିବ । ତେବେ ଅନ୍ୟ ଯେଉଁମାନେ ଅଛନ୍ତି ସମସ୍ତେ ହିଂସା ଛାଡ଼ି ମୁଖ୍ୟ ସ୍ରୋତରେ ସାମିଲ ହେବାକୁ ଏସପି ମାଓବାଦୀଙ୍କୁ ଆହ୍ୱାନ କରିଛନ୍ତି । ପ୍ରକାଶ ଯୋଗ୍ୟ, ଗତକାଲି ରାଉରକେଲା ପୋଲିସ ନିକଟରେ ୧୮ ବର୍ଷୀୟ ମାଓବାଦୀ ପ୍ରଭୁ ଆତ୍ମସମର୍ପଣ କରିଥିଲା । ଦକ୍ଷିଣାଞ୍ଚଳ ଆଇଜି ବ୍ରିଜେଶ କୁମାର ରାଏ ଏବଂ ରାଉରକେଲା ଏସପି ନିତେଶ ଗଡ଼୍ୱାନୀ ଏ ନେଇ ସାମ୍ବାଦିକ ସମ୍ମିଳନୀରେ ଘୋଷଣା କରିଥିଲେ । ସେ ଝାଡ଼ଖଣ୍ଡ ଦକ୍ଷିଣ ସିଂହଭୂମ ଜିଲ୍ଲାର ଛୋଟନାଗ୍ରା ଥାନା ହାଲାମୁଲି ଗ୍ରାମର ମୂଳ ବାସିନ୍ଦା ଅଟେ ।



'ମିଶୁ ମୋର ଦେହ ଏ ଦେଶ ମାଟିରେ,
ଦେଶବାସୀ ଚାଲି ଯାଆନ୍ତୁ ପିଠିରେ ।
ଦେଶର-ସ୍ୱରାଜ୍ୟ ପଥେ ଯେତେ ଗାଡ଼
ପୂରୁ ତହିଁ ପଡ଼ି ମୋର ମାଂସ ହାଡ଼ ।

## ଗୀତାଜ୍ଞାନ

ସର୍ବଭୂତସ୍ଥିତଂ ଯୋ ମାଂ ଭଜତ୍ୟେକତ୍ୱମାସ୍ଥିତଃ ।
ସର୍ବଥା ବର୍ତ୍ତମାନୋଽପି ସ ଯୋଗୀ ମୟି ବର୍ତ୍ତତେ ।।
ଅର୍ଥ: ଯେଉଁ ପୁରୁଷ ଏକୀଭାବରେ ସ୍ଥିତ ହୋଇ ସମସ୍ତ ପ୍ରାଣୀଙ୍କ ଠାରେ ଆତ୍ମରୂପରେ ସ୍ଥିତ ମୋତେ (ସଚ୍ଚିଦାନନ୍ଦଘନ ବାସୁଦେବଙ୍କୁ) ଭଜନ୍ତି, ସେହି ଯୋଗୀ ସକଳପ୍ରକାରେ କ୍ରିୟାକଳାପ କରୁଥିଲେ ମଧ୍ୟ ମୋ ସହିତ ହିଁ ସକଳ କ୍ରିୟା କରୁଥାନ୍ତି । ।।

# ସଂସଦରେ ବିପକ୍ଷର ଭୂମିକା

ସଂସଦୀୟ ଗଣତାନ୍ତ୍ରିକ ବ୍ୟବସ୍ଥାରେ ଉଭୟ ଶାସକ ଓ ବିପକ୍ଷ ଦଳର ଭୂମିକା ଅତୀବ ଗୁରିତ୍ୱପୂର୍ଣ୍ଣ। ଲୋକସଭା ଲୋକ ପ୍ରତିନିଧି ଆଇନ ଅଧୀନରେ ପ୍ରତ୍ୟକ୍ଷ ନିର୍ବାଚିତ ପ୍ରତିନିଧିମାନଙ୍କର ଆସ୍ଥା ଓ ବିଶ୍ୱାସର ପ୍ରତୀକ ଓ ସରକାରଙ୍କ ଦ୍ୱାରା ପ୍ରଣୀତ ଆଇନ ବିଲ ପୂର୍ବରୁ ଆଲୋଚନା,ଦେଶର ବିଭିନ୍ନ ଗୁରୁତ୍ୱପୂର୍ଣ୍ଣ ପ୍ରସଙ୍ଗ ଓ ଅନ୍ୟାନ୍ୟ କାର୍ଯ୍ୟକଳାପ ଉପରେ ବିତର୍କ ସୁସ୍ଥ ଗଣତାନ୍ତ୍ରିକ ପରମ୍ପରାର ପରିଚାୟକ,ପରିପନ୍ଥୀ ନୁହେଁ । ଏପରି ଆଲୋଚନାରେ ବିପକ୍ଷ ଦଳର ଅଂଶଗ୍ରହଣ,ସ୍ୱର ଉତ୍ତୋଳନ, ଗଠନମୂଳକ ପ୍ରସ୍ତାବ ଦେବା ଏପରିକି ବିରୋଧ କରିବାର ଅଧିକାର ରହିଛି । ସରକାର ବିରୋଧୀ ଦଳକୁ ପର୍ଯ୍ୟାପ୍ତ ସୁଯୋଗ ଦେବା ସହିତ ସେମାନଙ୍କର ମତାମତର ଗ୍ରହଣୀୟତା ଉପରେ ବିଚାର କରି ଉତ୍ତର ରଖିବାର ପରମ୍ପରା ରହିଛି । ସରକାର ଏକତରଫା ନିଷ୍ପତ୍ତି ନେଇପାରିବେ ନାହିଁ,ସତକୁ ଲୁଚାଇ ରଖିପାରିବେ ନାହିଁ କିମ୍ବା କୌଣସି ଜନ - ବିରୋଧୀ ଆଇନକୁ କାର୍ଯ୍ୟକାରୀ କରିପାରିବେ ନାହିଁ । ସଦନରେ ସଂଖ୍ୟାଗରିଷ୍ଠତାର ଆଢୁଆଳରେ କୌଣସି ସ୍ବେଚ୍ଛାଚାରୀ ନିଷ୍ପତ୍ତି ନେଇପାରିବେ ନାହିଁ । ସଂସଦ ପରିଚାଳନା ଦାୟିତ୍ୱରେ ରହିଥିବା ବାଚସ୍ପତି ଜଣେ ନିରପେକ୍ଷ ଓ ନିର୍ବିବାଦୀୟ ବ୍ୟକ୍ତିତ୍ୱ ।ସେ କୌଣସି ପ୍ରକାର ଭେଦଭାବ ନକରି ଉଭୟ ସରକାରୀ ଓ ବିପକ୍ଷ ଦଳର ସଦସ୍ୟମାନଙ୍କୁ ସେମାନଙ୍କ ମତ ରଖିବା ପାଇଁ ସୁଯୋଗ ଦେବାର ଦାୟିତ୍ୱ ନିର୍ବାହ କରନ୍ତି । ସେଥିରେ ବ୍ୟତିକ୍ରମ ହେଲେ ସଦନରେ ବିଶୃଙ୍ଖଳା ସୃଷ୍ଟି ହେବା ସ୍ୱାଭାବିକ। ସଂସଦର ଇତିହାସରେ ବହୁବାର ଏପରି ଘଟଣା ଘଟିଛି ଯେଉଁଥିରେ ବିରୋଧୀ ଦଳର ସାଂସଦମାନେ ସେମାନଙ୍କର ସଂଯମତା ହରାଇ ବିଶୃଙ୍ଖଳିତ ଆଚରଣ କରି ଦଣ୍ଡିତ ହୋଇଛନ୍ତି । ଏହା କିଛି ନୂଆ କଥା ନୁହେଁ । ସୂଚନାଯୋଗ୍ୟ ୧୯୬୨ ମସିହାରେ ଚୀନ ସହିତ ଯୁଦ୍ଧରେ ପରାଜିତ ଭାରତର ତତ୍କାଳୀନ ପ୍ରଧାନମନ୍ତ୍ରୀ,ପଣ୍ଡିତ ଜବାହରଲାଲ ନେହେରୁ ବିରୋଧୀ ଦଳର ଦାବିକୁ ସମ୍ମାନ ଜଣାଇ ସଂସଦର ଉଭୟ ସଦନର ସ୍ୱତନ୍ତ୍ର ଅଧିବେଶନ ଡକାଇଥିଲେ ଯେଉଁଥିରେ ସଂସଦକୁ ପ୍ରଥମ ଥର ପାଇଁ ନିର୍ବାଚିତ ହୋଇଥିବା ଅଟଳ ବିହାରୀ ବାଜପାୟୀ କଡ଼ା ଭାଷାରେ ପ୍ରଧାନମନ୍ତ୍ରୀଙ୍କୁ ସମାଲୋଚନା କରିବା ସହିତ ଭାରତର ପରାଜୟ ପାଇଁ ନେହେରୁ ଦାୟୀ ବୋଲି ଉଲ୍ଲେଖ କରିଥିଲେ ଓ ନେହେରୁ ନମ୍ରତାର ସହ ନିଜର ବିବୃତ୍ତି ରଖିଥିଲେ ଏବଂ ପରାଜୟ ପାଇଁ ଦୋଷାରୋପ କରିବା ସହିତ ଦେଶବାସୀଙ୍କୁ କ୍ଷମା ପ୍ରାର୍ଥନା କରିଥିଲେ ।କିନ୍ତୁ ଅପରେସନ ସିନ୍ଦୁର ନେଇ ବିସ୍ତୃତ ତଥ୍ୟ ଉପସ୍ଥାପନ ନିମନ୍ତେ ସଂସଦର ସ୍ୱତନ୍ତ୍ର ଅଧିବେଶନ ଡକାଇବା ଦାବିକୁ ଶାସକ ଦଳ ଆଦୌ ଭ୍ରୂକ୍ଷେପ କରିନଥିଲେ ।ଏପରି ଅନେକ ନଜିର ରହିଛି।ଚଳିତ ଅଧିବେଶନରେ ପୂର୍ବତନ ସେନା ମୁଖ୍ୟ ଏମ.ଏମ. ନରଭ୍ଣେଙ୍କ ଏକ ଅପ୍ରକାଶିତ ପୁସ୍ତକର କିଛି ଅଂଶ ' କାରଭାଁ ' ମାଗାଜିନରୁ ଉଦ୍ଧାର କରି ବିରୋଧୀ ଦଳର ନେତା ରାହୁଲ ଗାନ୍ଧୀ ସରକାରଙ୍କୁ ସ୍ପଷ୍ଟୀକରଣ ମାଗିଥିଲେ। ଏହି ଅଂଶରେ ଚୀନର ଲଦାଖଠାରେ ଗଲଓ୍ୱାନ ଅତିକ୍ରମଣ ଓ ୨୦ ଜଣ ଭାରତୀୟ ଯବାନ ସହୀଦ ହେବା ପ୍ରସଙ୍ଗରେ ଉଲ୍ଲେଖ ରହିଛି । ଏପରି ଏକ ସମ୍ବେଦନଶୀଳ ମୁହୂର୍ତ୍ତରେ ସେନାମୁଖ୍ୟ ଭାରତୀୟ ସୈନିକ ଚୀନ ସୈନିକଙ୍କ ଉପରେ ଆକ୍ରମଣ କରିବେ କି ନାହିଁ ସେ ସମ୍ପର୍କରେ ସରକାର ନିର୍ଦ୍ଦେଶ ଦେବାକୁ ବାରମ୍ବାର ଅନୁରୋଧ କରିବା ସତ୍ତ୍ୱେ ପ୍ରତିରକ୍ଷା ମନ୍ତ୍ରୀ ଉଦାସୀନ ରହିଥିଲେ । ଶେଷରେ ସେନା ମୁଖ୍ୟ ଯାହା କରିବା କଥା କରନ୍ତୁ ବୋଲି ପ୍ରଧାନମନ୍ତ୍ରୀ କହିଥିବା ପ୍ରତିରକ୍ଷା ମନ୍ତ୍ରୀ ଜଣାଇଥିଲେ ।ପରିଣାମରେ ଚୀନ ଆମ ଦେଶର ୧ ହଜାର ବର୍ଗ କିଲୋମିଟର ଦଖଲ କରିଥିଲା । ସରକାର ସେନା ମୁଖ୍ୟଙ୍କ ଏହି ଆତ୍ମଜୀବନୀ ପ୍ରକାଶନ ଉପରେ କାହିଁକି ରୋକ ଲଗାଇଛନ୍ତି ବୋଲି ରାହୁଲ ଗାନ୍ଧୀ ପ୍ରଶ୍ନ କରିଥିଲେ । କିନ୍ତୁ ସରକାର ଏହାକୁ ଏକ ଅପ୍ରକାଶିତ ପୁସ୍ତକ । ଏ ସମ୍ବନ୍ଧରେ କୌଣସି ଆଲୋଚନା ତର୍କସଙ୍ଗତ ନୁହେଁ ବୋଲି ସରକାର ଯୁକ୍ତି ବାଢିଥିଲେ । ଏପରି ଏକ ସମ୍ବେଦନଶୀଳ ପ୍ରସଙ୍ଗରେ ସରକାର ବିରୋଧୀ ଦଳକୁ କହିବାକୁ ସୁଯୋଗ ଦେଉନାହାନ୍ତି ଏବଂ ସତକୁ ଲୁଚାଉଛନ୍ତି ବୋଲି ସଦନରେ ପ୍ରବଳ ହଙ୍ଗାମା ସୃଷ୍ଟି ହୋଇଛି। ଏହି ପ୍ରସଙ୍ଗ ଏକପ୍ରକାର ଅଚଳାବସ୍ଥାକୁ ଇଙ୍ଗିତ କରୁଛି । ୮ ଜଣ ବିରୋଧୀ ସାଂସଦଙ୍କୁ ସସପେଣ୍ଡ କରାଯାଇଛି। ସଂସଦ ଚଳାଇବା କାମ ଶାସକ ଦଳର ଓ ତେଣୁ ବିରୋଧୀ ସଦସ୍ୟଙ୍କୁ ସସପେଣ୍ଡ କରି ତଥ୍ୟକୁ ଗୋପନ ରଖିବା,ଗୃହର ଅଧକ୍ଷ କିମ୍ବା ସଂସଦୀୟ ବ୍ୟାପାର ମନ୍ତ୍ରଣାଳୟର ପାରିବାର ପଣିଆ ବୋଲି କୁହାଯାଇପାରିବ ନାହିଁ । ଗଣତନ୍ତ୍ରରେ ସ୍ୱଚ୍ଛତା, ପାରଦର୍ଶିତା ଓ ଉତ୍ତରଦାୟିତ୍ୱର ମହତ୍ତ୍ୱ ରହିଛି ।

# ଉଡିଗଲେ ଗେଣ୍ଡାଳିଆ

### ଉତ୍କଳାନନ୍ଦ ଅଜୟ କୁମାର ବେହେରା

ଗେଣ୍ଡାଳିଆ ଏକ ପକ୍ଷୀ, ସବୁ ପକ୍ଷୀଙ୍କ ପରି ତାଙ୍କର ସ୍ୱାଧୀନତା ଅଛି ସେ ବିନା ଭିସା ବିନା ପାସପୋର୍ଟରେ ଆକାଶରେ ଯାଇପାରନ୍ତି, କୌଣସି ରାଜ ଆଦେଶ ବା ଟ୍ରେସପାସ ତାଙ୍କ ପାଇଁ ଆକାଶ ଉଡିବା ପାଇଁ ସେମାନେ ଖୋଜନ୍ତି ନାହିଁ। ସବୁ ପକ୍ଷୀଙ୍କର ରାଜା ପକ୍ଷୀରାଜ ଗରୁଡ଼, ସେ ବିଶ୍ୱନିୟନ୍ତା ଭଗବାନ ବିଷ୍ଣୁଙ୍କ ବାହାନ, ଅତଏବ ସେ ହିଁ ପକ୍ଷୀରାଜ ସବୁ ପକ୍ଷୀ ମାନଙ୍କୁ ଅଭୟ ଦେଇଛନ୍ତି। ବିଚରଣ କର ଉଡ, ଯେ ଯାହା ଆହାର ସଂଗ୍ରହ କର, କିନ୍ତୁ ଏକଗୋଷ୍ଠୀ ସହ କଳିଲିପ୍ତ ହୁଅନାହିଁ। ଏହା ତୁମ ମାନଙ୍କ ରାଜାର ଆଦେଶ, ବିନତି ଗୁଣ ସମ୍ପନ୍ନା, ବିନତା ମାଆର ପୁତ୍ର ଗରୁଡ଼ଙ୍କ ଆଦେଶ। ଗେଣ୍ଡାଳିଆଙ୍କୁ ବଞ୍ଚିବା ପାଇଁ ଗେଣ୍ଡା ଦରକାର, ଧାନ ଚାଷ କ୍ଷେତ୍ରରେ ଗେଣ୍ଡା ବର୍ଷାଦିନେ ବଂଶ ବିସ୍ତା କରି ବଢ଼ନ୍ତି, ପୋଖରୀ ନାଳ ଆଦିଜଳାଧାରରେ ତତସମୟରେ ଗେଣ୍ଡା ପ୍ରଚୁର ଦେଖାଯାନ୍ତି ଜଳ ଶୁଷ୍କ ପରେ ପଦାରେ ପଡ଼ି ଦେଖାଯିବ ଗେଣ୍ଡାଙ୍କୁ ଗେଣ୍ଡାଳିଆ ଖାଇ ଥାନ୍ତି। ମାନବ ସଂସ୍କୃତିରେ ଓଡ଼ିଆ ପରମ୍ପରାରେ ଗେଣ୍ଡାଙ୍କ ପାଇଁ ଏକ ଭୋଜନ ଦେବା ପରମ୍ପରା ବି ଅଛି। ଚିତାଲାଗି ଅମାବାସ୍ୟା ଯାହା ବର୍ଷା ଦିନେ ଶ୍ରାବଣ ମାସରେ ପଡ଼େ, ଏହିଦିନ ଚିଉଡ ପିଠାର ଏକ ପର୍ବ। ଏହା ସ୍ଥାନୀୟ ସନ୍ନିକଟ ଜଳାଧାରରେ ପିଠାକୁ ଘରର ପିଲାମାନଙ୍କ ଦ୍ୱାରା ଜଳରେ ପକାଇ ଗେଣ୍ଡାଙ୍କ ଉଦ୍ଦେଶ୍ୟ କହିବାକୁ କୁହାଯାଇଥାଏ ହେ ଗେଣ୍ଡାମାନେ ମୋ ବାପା ଭାଇ ଭଉଣୀଙ୍କୁ ମୋତେ କାମୁଡ଼ିବ ନାହିଁ।

ମୁଁ ତୁମ ମାନଙ୍କୁ ଆମ ଘର ପ୍ରସ୍ତୁତ ପିଠା ଅର୍ପଣ କରୁଛି, ଏହି ଥାଟି କୁସଂସ୍କାରରେ ଆସିପାରେ କିନ୍ତୁ ଥିଲା ଏକ ପରମ୍ପରା। ସିମେଣ୍ଟ ବ୍ୟବହାରର ପୂର୍ବରୁ ଯେଉଁ ଚୁନ ବ୍ୟବହାରରେ ଘର ହେଉଥିଲା ସେ ଚୁନ ଗେଣ୍ଡାଶାମୁକା ପୋଡ଼ା ଯାଇ ପ୍ରସ୍ତୁତ କରାଯାଉଥିଲା। ପଥର, ଚୁନ ସନ୍ଧାନ ପରେ ଏହା କମିଗଲା। ପରେ ପରେ ପଥର ଚୁନ ସଂଯୋଗରୁ ସିମେଣ୍ଟ ଆସିଗଲା। ସହଜରେ ଘର ନିର୍ମାଣ ହେଲା। ଗେଣ୍ଡାର ମାଂସ ଅନେକ ଲେଶକ ଆଗେ ଭକ୍ଷକ ଥିଲେ। ଏହା ଏକ ଜାନ୍ତବ ପୁଷ୍ଟିସାର, ବହୁ ଶ୍ରମିକ ଶ୍ରେଣୀର ନିମ୍ନ ଆୟକାରୀ ଲୋକ ଏହାକୁ ଭୋଜନ କରୁଥିଲେ। ଗେଣ୍ଡାଳିଆ ଗେଣ୍ଡା ଖୋଳକୁ ଥଣ୍ଟରେ ଫଟାଇ କେବଳ ମାଂସ ଅଂଶ ଖାଉଥାନ୍ତି। ଏବେ ଏହି ପକ୍ଷୀ ଦୁର୍ଲଭ, ଖାଲି ଏହିପକ୍ଷୀ ନୁହଁନ୍ତି, ପାଣିକୁଆ, ଚିଲ, ଶାଗୁଣା, କୁଆ, କୁଣ୍ଡାଖାଇ ବଣି, କୁମ୍ଭାଟୁଆ, କଜଳପାତି ବଗଙ୍କ ପରି ଅନେକ ସଂଖ୍ୟାଲଘୁ ହେଲେଣି ବା ହଜିଗଲେଣି। ବାଦୁଡ଼ି ଗହନ, ବଗ ଗହନ, କାକ ଗହନ, ପକ୍ଷୀ ମାନଙ୍କର କିଚିର ମିଚିରି ସ୍ୱର କାକଳି ଆଉ ଶୁଣାଯାଉନାହିଁ। ଜନପଦ ସବୁ ପୂର୍ବେ ଏକ ଚିଡ଼ିଆଖାନା ମଧ୍ୟରେ ଥିଲାପରି ବୋଧ ହେଉଥିଲା, କିନ୍ତୁ ହାୟ କିଥିଲା ଏ ରାଜ୍ୟ କି ହୋଇଛି ଆଜ। ରାଜଝିଅ ଅଲ୍ୟଳି, ତା ମନରେ ଅନେକ ସ୍ୱପ୍ନ ତାର ଯୁବକ ବର ପକ୍ଷୀରାଜ ଘୋଡ଼ାରେ ଆସି ତାକୁ ବିବାହକାରୀ ସାଥିରେ ନେଇଯିବ ସେ ମହାରାଣୀ ହେବ, କିନ୍ତୁ ତାର ବାବୁଙ୍କ ଏକ ବୁଢ଼ାରଜା ତାର ଅନେକ ସେନା ନେଇ ଆକ୍ରମଣ କରି ପରାସ୍ତ କରିଛି। ସେ ତାର ଯୁଦ୍ଧରେ ଜିତିବା ପଣ ନେଲେ ସାଲିଶ କରିବ। ଏଥିରେ କନ୍ୟା ସୁନା ହାତୀଘୋଡ଼ା ଭୂମି ନେବ, ଏ ପାଳିରେ ରାଜଜେମା ହିଁ ବଳିର ବକ୍ରା। ଏଇଠି ରାଜଝିଅ କାନ୍ଦୁଛି ଆକାଶକୁ ଅନାଇ ଗେଣ୍ଡାଳିଆଙ୍କ ଉଡାଣକୁ ଚାହିଁ, ଦେଖୁଛି, ପକ୍ଷୀ ଗଣ ପରି ଝଡ଼ି କହୁଛନ୍ତି ରେଜେମା ଆଉ ଉପାୟ ନାହିଁ। ଆମର କବିମାନେ ହଂସ ଦୂତ, ମେଘଦୂତ ପ୍ରେମୀଯୁଗଳଙ୍କ ମଧ୍ୟରେ ଯୋଗାଯୋଗର ମାଧ୍ୟମ ଥିଲେ। ମାଳ୍ୟାଣୀ, ଧୋବଣୀ, ବାରିକିଆଣି ଏମାନେ ଦୂତି କାମ କରୁଥିଲେ, ପରେ ବେରିଙ୍ଗ ଚିଠି, ପରି ଡାକ ବ୍ୟବସ୍ଥା ଏବେ ସବୁ ତମାଦୀ, ଏହି ମୋବାଇଲ ଫୋନ ଏ ସମସ୍ତଙ୍କ ଦୂତ, ଦୂତୀ।

ବରେଣ୍ୟ ବାଣୀ' ପିସି ସରକାର ଲେନ, ଅରୁଣୋଦୟ ମାର୍କେଟ, କଟକ, ଦୂରଭାଷ : ୯୪୩୭୦୩୧୨୫୩

# ଭାରତ-ୟୁରୋପ ସଂପର୍କର ନୂଆ ସୋପାନ

### ସୌମେନ୍ଦ୍ର ଜେନା

ନିକଟରେ ଭାରତ ଓ ୟୁରୋପୀୟ ସଂଘ ମଧ୍ୟରେ ବାଣିଜ୍ୟିକ ବୁଝାମଣା ଖୁବ୍ ସହଜରେ ସଂପନ୍ନ ହୋଇଛି । କିନ୍ତୁ ଏହି ପ୍ରକ୍ରିୟା ପାଖାପାଖି ଦୁଇଦଶନ୍ଧିର ରହିଥିଲା । ଦୁଇପକ୍ଷଙ୍କ ମଧ୍ୟରେ ବୁଝାମଣା ଗତ ସନ୍ଦେହ ଯୋଗୁ କାର୍ଯ୍ୟବିଶେଷ ଆଗେଇପାରି ନଥିଲା । ଯେଉଁଥିପାଇଁ ଏହି ସମୟରେ ଦୁଇ ଦୁଇଟି ସରକାରଙ୍କୁ ଢେର ପ୍ରୟାସ କରିବାକୁ ପଡିଛି । ପ୍ରଥମେ ମନମୋହନ ସିଂହଙ୍କ ସରକାର ଉଦ୍ୟମ ଆରମ୍ଭ କରିଥିଲେ ଏବଂ ବର୍ତ୍ତମାନର ମୋଦି ସରକାର ତାକୁ ଶେଷ କଲେ । ଅଥଚ ଭାରତର ଦୁଇ ପଡୋଶୀ ରାଷ୍ଟ୍ର ବଙ୍ଗଳାଦେଶ ଓ ପାକିସ୍ତାନ ୟୁରୋପୀୟ ରାଷ୍ଟ୍ରମାନଙ୍କରେ ବାଣିଜ୍ୟିକ ସୁବିଧା ପାଇଆସୁଥିବାରୁ ଭାରତ ତୁଳନାରେ ଅଧିକ ବ୍ୟବସାୟ କିଛି କ୍ଷେତ୍ରରେ ଆଜିଯାଏଁ କରିଆସିଛନ୍ତି । ଅଧିକ ଟିକସ ହେବା ଯୋଗୁ ଭାରତର ବସ୍ତୁ ୟୁରୋପରେ ପାକ୍ ଓ ବଙ୍ଗଳାଦେଶଠାରୁ ଅଧିକ ହେବା ଯୋଗୁ ବିକ୍ରୀ ହୋଇପାରୁନଥିଲା । କିନ୍ତୁ ଏବେ ସେ ଅସୁବିଧା ଆଉ ରହିବ ନାହିଁ ।

ଦେଖିବାକୁ ଗଲେ ଭାରତ ଓ ୟୁରୋପୀୟ ରାଷ୍ଟ୍ରଗୁଡିକ ସହ ରହିଥିବା ସଂପର୍କ ବହୁ ପୁରୁଣା । ୧୯୬୦ ଦଶକର ଆରମ୍ଭରେ୧୯୬୨ରୁ ଭାରତ-ୟୁରୋପୀୟ ଆର୍ଥିକ ଗୋଷ୍ଠୀ (ଇଇସି) ମଧ୍ୟରେ ସଂପର୍କ ସ୍ଥାପିତ ହୋଇଥିଲା ।୧୯୯୩ର ମିଳିତ ରାଜନୈତିକ ଘୋଷଣା ଏବଂ ୧୯୯୪ର ସହଯୋଗର ଘୋଷଣା ହିଁ ଦ୍ୱିପାକ୍ଷିକ ବୁଝାମଣାର ମୂଳଦୁଆ ପକାଇଥିଲା । ପରେ ୨୦୦୪ରେ ଭାରତ ଓ ୟୁରୋପୀୟ ସଂଘ ରଣନୀତିକ ସହଯୋଗୀ ହୋଇଥିଲେ । ୨୦୦୭ରୁ ଉଭୟପକ୍ଷ ଏକ ମୁକ୍ତ ବାଣିଜ୍ୟ ବୁଝାମଣା ପାଇଁ ଉଦ୍ୟମ କରିଆସୁଥିଲେ । ସେଥିପାଇଁ ୨୦୦୫ରୁ ଏକ ମିଳିତ କାର୍ଯ୍ୟ ଯୋଜନା ପ୍ରସ୍ତୁତ ହୋଇଥିଲା, ଯାହା ୨୦୦୮ରେ ସଂଶୋଧିତ ରୂପ ନେଇଥିଲା । ୨୦୦୯ ଏବଂ ୨୦୧୨ରେ ଭାରତ ୟୁରୋପୀୟ ସଂଘ ମଧ୍ୟରେ ହୋଇଥିବା ଶିଖର ବୈଠକର ମିଳିତ ଘୋଷଣାନାମା ପ୍ରକାଶ ପାଇଥିଲା । ତେବେ ୨୦୦୦ରେ ଲିସବନଠାରେ ଅନୁଷ୍ଠିତ ଦ୍ୱିପାକ୍ଷିକ ଶିଖର ବୈଠକରେ ଏଥିପାଇଁ ଯେଉଁ ଉଦ୍ୟମ କରାଯାଇଥିଲା ତାର ଫଳସ୍ୱରୂପ ୨୦୦୪ରେ ହେଗ୍‌ଠାରେ ଅନୁଷ୍ଠିତ ୫ମ ଶିଖର ବୈଠକ କାଳରେ "ରଣନୀତିକ ସଂପର୍କ" ସୃଷ୍ଟି ହୋଇଥିଲା । ବସ୍ତୁ ସେବା ଓ ପୁଞ୍ଜିନିବେଶକୁ ଦୃଷ୍ଟିରେ ରଖି ୨୦୦୭ରେ ବିସ୍ତାର-ଆଧାରିତ ବାଣିଜ୍ୟ ଓ ନିବେଶ ବୁଝାମଣା (ବିଟିଆଇଏ) ପାଇଁ ଆଲୋଚନା ଆରମ୍ଭ ହେଲା । ୨୦୦୭ରୁ ୨୦୧୩ ପର୍ଯ୍ୟନ୍ତ ଉଭୟ ପକ୍ଷ ମଧ୍ୟରେ ଆଲୋଚନା ଜାରିଥିଲେ ମଧ୍ୟ ଅନେକ ପ୍ରତିବନ୍ଧକ ସୃଷ୍ଟି ହୋଇଥିଲା । ଫଳରେ ଆଲୋଚନାରେ ଗତି ଏବଂ ପ୍ରଗତି ପରିଲକ୍ଷିତ ହେଉନଥିଲା । ବୌଦ୍ଧିକ ସଂପଦ ଅଧିକାର (ଆଇପିଆର), ଡାଟା ସୁରକ୍ଷା, ସେବା ଯୋଗାଣ କ୍ଷେତ୍ରରେ ଭିନ୍ନମତ ସୃଷ୍ଟିହେବା ଯୋଗୁ ଏଥିରେ ଶିଥିଳତା ଦେଖାଦେଲା । ୨୦୧୩ରେ ୟୁରୋପୀୟ ସଂଘ ଅଟୋମୋବାଇଲ, ମଦ ଉପରୁ ଭାରତ ପ୍ରବେଶ ଶୁଳ୍କ ହ୍ରାସ କରିବା ଏବଂ ୟୁରୋପୀୟ ସଂଘ ଆଇଟି ସେବା କ୍ଷେତ୍ରରେ ଡାଟାର ସୁରକ୍ଷା କରୁବୋଲି ଭାରତ ଦାବି କରିବା ପରେ ଆଲୋଚନା ଏକପ୍ରକାର ବନ୍ଦ ହୋଇଯାଇଥିଲା । ତେଣୁ ୨୦୧୩ରୁ ୨୦୨୦ ପର୍ଯ୍ୟନ୍ତ ଏକପ୍ରକାର ଦ୍ୱିପାକ୍ଷିକ ଆଲୋଚନା ବନ୍ଦ ରହିଥିଲା । ୨୦୨୧ ମଇ ମାସରେ ଦୁଇପକ୍ଷ ପୁନର୍ବାର ବନ୍ଦ ହୋଇଯାଇଥିବା ଆଲୋଚନାକୁ ଆରମ୍ଭ କରିବା ପାଇଁ ରାଜି ହୋଇଥିଲେ । ଉଭୟପକ୍ଷ ସନ୍ତୁଳିତ, ଆକାଂକ୍ଷୀ, ବହୁପକ୍ଷୀୟ ଏବଂ ପରସ୍ପର ପାଇଁ ଲାଭଦାୟକ ହେବାପରି ବୁଝାମଣା କରିବାଲାଗି ପ୍ରୟାସ କଲେ । ଫଳରେ ଜୁନ ୨୦୨୨ରେ ବ୍ରୁସେଲସଠାରେ ପୁନର୍ବାର ମୁକ୍ତ ବାଣିଜ୍ୟ ବୁଝାମଣା ନିମନ୍ତେ ଆଲୋଚନା ଆରମ୍ଭ ହେଲା । ଯେଉଁଥିରେ ନିବେଶ ସୁରକ୍ଷା ବୁଝାମଣା ଓ ଭୌଗୋଳିକ ସୂଚକାଙ୍କ ସ୍ଥାନ ପାଇଥିଲା । କିନ୍ତୁ ୨୦୨୩ରୁ ୨୦୨୫ ମଧ୍ୟରେ ହୋଇଥିବା ଆଲୋଚନା କାଳରେ ଅନେକ ବିବାଦ ପୁନର୍ବାର ଦୃଷ୍ଟିକୁ ଆସିଥିଲା । ୧୧ଥର ଆଲୋଚନା ହେବା ପରେ ୟୁରୋପୀୟ ସଂଘର କାର୍ବନ ଆଡଜଷ୍ଟମେଣ୍ଟ ମେକାନିଜିମକୁ ପରିବେଶ ରକ୍ଷା ବଦଳରେ ବାଣିଜ୍ୟ ପାଇଁ ପ୍ରତିବନ୍ଧକ ବୋଲି ଭାରତ ପକ୍ଷରୁ ମତପ୍ରକାଶ ପାଇଲା । ଭାରତ ନିଜର କୃଷିକ୍ଷେତ୍ରକୁ ଆଲୋଚନାରୁ ବାହାରେ ରଖିବାକୁ ଚାହିଁଲା । କୃଷକଙ୍କ ପାଇଁ ଏହା କରିବା ଆବଶ୍ୟକ ଥିଲା । କାରଣ ଏହି ବିଷୟକୁ ନେଇ ଭାରତ-ଆମେରିକା ମଧ୍ୟରେ ଆଜିଯାଏଁ ମୁକ୍ତ ବାଣିଜ୍ୟ ବୁଝାମଣା ହୋଇପାରିନାହିଁ । ଏହାବାଦ ଭାରତ ନିଜର ପେଷାଦାର ଲୋକଙ୍କ ପାଇଁ ୟୁରୋପରେ ମୁକ୍ତ ଚଳାଚଳ ଚାହୁଁଥିବା ସ୍ଥଳେ ୟୁରୋପୀୟ ସଂଘ ଭାରତର ଆର୍ଥିକ ଆଇନ ଏବଂ ଆଇନଗତ ସେବା ବଜାରରେ ପ୍ରବେଶ କରିବାକୁ ଚାହିଁଲେ । ଫଳରେ ମତଭେଦ ଯୋଗୁ ଆଲୋଚନା ଆଗେଇ ପାରିଲା ନାହିଁ । କିନ୍ତୁ ଉର୍ସୁଲା ୨୦୧୯ରେ ଦାୟିତ୍ୱ ନେବାପରେ ଏହି ଆଲୋଚନା ଉପରେ ଜୋରଦେଲେ । ତେଣୁ ୨୦୨୨ରୁ ପୁନର୍ବାର ଆଲୋଚନା ଆରମ୍ଭ ହେଲା । ଫେବୃଆରୀ ୨୦୨୫ରେ ଉର୍ସୁଲାଙ୍କ ଭାରତଗସ୍ତ କାଳରେ ଗୋଟିଏ ବର୍ଷ ମଧ୍ୟରେ ବୁଝାମଣା ଶେଷ କରିବାକୁ ଲକ୍ଷ୍ୟ ନିର୍ଦ୍ଧାରିତ ହୋଇଥିଲା । ଯାହା ଫଳରେ ୨୭ ଜାନୁଆରୀ ୨୦୨୬ଦିନ ଦ୍ୱିପାକ୍ଷିକ ମୁକ୍ତ ବାଣିଜ୍ୟ ବୁଝାମଣା ଶେଷ ହେଲା । ଭାରତର ୯୯.୪୫ ପ୍ରତିଶତ ରପ୍ତାନୀ ହେଉଥିବା ବସ୍ତୁଗୁଡିକ ଉପରୁ ୟୁରୋପୀୟ ସଂଘ ପ୍ରବେଶ ଶୁଳ୍କ ଉଠାଇ ନେବାକୁ ରାଜି ହୋଇଥିଲାବେଳେ ଭାରତ ୟୁରୋପୀୟ କାର ଉପରୁ ୧୧୦ ପ୍ରତିଶତରୁ ୧୦ ପ୍ରତିଶତକୁ ଏବଂ ମଦ ଉପରୁ ପ୍ରବେଶ ଶୁଳ୍କ ହ୍ରାସ କରିବାକୁ ରାଜି ହୋଇଥିଲା । ତେବେ ଯାନବାହନ କ୍ଷେତ୍ରରେ ଭାରତ ଧୀରେ ଧୀରେ ୟୁରୋପର ୧୫୦୦୦ ଡଲାରରୁ ଅଧିକ ମୂଲ୍ୟର କାର୍ ଉପରୁ ଶୁଳ୍କ ହ୍ରାସ କରିବାକୁ ମତ ଦେଇଥିଲା । ଭାରତ ମଦ ଏବଂ ସ୍ପିରିଟ୍ ଉପରୁ ଶୁଳ୍କ ହ୍ରାସ କରିବାକୁ ରାଜି ହୋଇଥିଲେ ମଧ୍ୟ କୃଷି ଓ ଦୁଗ୍ଧଜାତ ଦ୍ରବ୍ୟ କ୍ଷେତ୍ର ଆଲୋଚନାର ବାହାରେ ରଖିଥିଲା । ବୁଦ୍ଧିମତ୍ତା ସୁରକ୍ଷା ପାଇଁ ଉଚ୍ଚସ୍ତରୀୟ ବ୍ୟବସ୍ଥା ଭାରତ କରିଥିଲା ବେଳେ ୟୁରୋପୀୟ ଦାବି ଏବଂ ଭାରତର ଆଇନ ମଧ୍ୟରେ ରହିଥିବା ଦୂରତାକୁ ହ୍ରାସ କରାଯିବାକୁ ସ୍ଥିର ହୋଇଥିଲା ।

ଭାରତ-ୟୁରୋପୀୟ ସଂଘ ମଧ୍ୟରେ ବୁଝାମଣା ପାଇଁ ଦୀର୍ଘ ୨୨ ବର୍ଷ ଧରି ଆଲୋଚନା ହୋଇଆସୁଥିଲେ ମଧ୍ୟ ବିଳମ୍ବିତ ହେବାର ପ୍ରକୃତ କାରଣ କଣ ରହିଥିଲା ଏହା ଏକ ବଡ ପ୍ରଶ୍ନ । ବୁଝାମଣାକୁ ବିଳମ୍ବିତ କରିବାକୁ ଦୁଇପକ୍ଷଙ୍କ ମଧ୍ୟରେ ବିଶ୍ୱାସଗତ ଦୁର୍ବଳତାକୁ ସାଧାରଣତଃ ଦାୟୀ କରାଯାଇପାରେ । ହେଲେ ବିଶ୍ୱ ବାଣିଜ୍ୟିକ କ୍ଷେତ୍ରରେ ଅନେକଗୁଡିଏ କାରଣ ଏହି ଆଲୋଚନାର ଗତିପଥରେ ପ୍ରତିବନ୍ଧକ ସୃଷ୍ଟି କରିଥିଲେ । ସିଧାସଳଖ କହିଲେ ଏହି ବୁଝାମଣା ଦୁଇପକ୍ଷ ଲାଭ ପାଇବାକୁ ଥିଲାବେଳେ ଅନେକ ବାହାର ପକ୍ଷଙ୍କ କ୍ଷତି ହେବା ନିଶ୍ଚିତ ଥିଲା । ଏହି ଦୁଇପକ୍ଷ ହେଲେ ଚୀନ ଏବଂ ଆମେରିକା । ଆମେ ଯଦି ଦେଖିବା ୟୁରୋପୀୟ ସଂଘର ଏହି ଦୁଇରାଷ୍ଟ୍ର ସବୁଠୁ ଅଧିକ ବାଣିଜ୍ୟ କରିଥାନ୍ତି । ଆମେରିକାର ପ୍ରଭାବ ୟୁରୋପୀୟ ରାଷ୍ଟ୍ରଗୁଡିକ ଉପରେ ଅଧିକ ଥିଲାବେଳେ ଚୀନ ଯୋଗାଣପାଇଁ ୟୁରୋପରେ ଭାରତକୁ ଅଟକାଇବାକୁ ଚାହୁଁଥିଲା । ଯାହାଫଳରେ ଆମେ ଦେଖିବା ଯେ ୨୦୦୪ ପରଠାରୁ ଚୀନର ପ୍ରତିବର୍ଷର ବାଣିଜ୍ୟ ବୃଦ୍ଧି ପାଇ ଆସିଛି । ୟୁରୋପୀୟ ସଂଘ ସହ ଦ୍ୱିପାକ୍ଷିକ ବାଣିଜ୍ୟ କ୍ଷେତ୍ରରେ ପ୍ରଥମ ପାଞ୍ଚଟି ସ୍ଥାନରେ ଆମେରିକା, ବ୍ରିଟେନ, ଚୀନ, ସ୍ୱିଜରଲାଣ୍ଡ, ତୁର୍କୀ ରହିଛନ୍ତି । ୨୦୨୪ର ହିସାବରେ ଭାରତ ଏହି ତାଲିକାର ୮ମ ସ୍ଥାନରେ ରହିଥିଲା । ୟୁରୋପୀୟ ସଂଘ ସହ ବାଣିଜ୍ୟିକ ସହଯୋଗୀ ରାଷ୍ଟ୍ରଗୁଡିକର ଯୋଗାଯୋଗ ମାର୍ଗ ଭାରତ ତୁଳନାରେ ଅନ୍ୟମାନଙ୍କର ଭଲ ରହିଛି । କେହି ସ୍ଥଳମାର୍ଗରେ କିମ୍ବା କେହି ଜଳମାର୍ଗରେ ନିଜର ଯୋଗାଣ ପଥକୁ ସୁଦୃଢ଼ କରିଛନ୍ତି । ଭାରତ ନିଜର ବାଣିଜ୍ୟ ଦୃଷ୍ଟିରୁ ୟୁରୋପୀୟ ସଂଘକୁ ଦ୍ୱିତୀୟ ସ୍ଥାନରେ ରଖିଛି । ମଧ୍ୟ ପ୍ରାଚ୍ୟ ସହ ବାଣିଜ୍ୟ ଭାରତର ସର୍ବାଧିକ ଥିଲାବେଳେ ୟୁରୋପ ଦ୍ୱିତୀୟ ସ୍ଥାନରେ ରହିଛି । ମୁକ୍ତ ବାଣିଜ୍ୟ କ୍ଷେତ୍ରରେ ଆମେରିକା ଏବଂ ଚୀନ ଭାରତର ଆର୍ଥିକ କ୍ଷେତ୍ରରେ ପ୍ରତିଦ୍ୱନ୍ଦ୍ୱୀ ଥିବା ଯୋଗୁ ଚୀନ ଭାରତର ପଡୋଶୀ ରାଷ୍ଟ୍ରଗୁଡିକରେ ଭାରତର ବାଣିଜ୍ୟିକ ସଂପର୍କକୁ ସଂକୁଚିତ କରିବାକୁ ସକ୍ଷମ ଯେପରି ହୋଇଛି, ସେହିପରି ୟୁରୋପରେ ମଧ୍ୟ ଭାରତର ବାଣିଜ୍ୟିକ ମାର୍ଗକୁ ରୋକିବାକୁ ପ୍ରୟାସ କରିଆସିଛି । ତୁଳନାତ୍ମକ ଦୃଷ୍ଟିରୁ ଭାରତରେ ପ୍ରସ୍ତୁତ ଅନେକ ଦ୍ରବ୍ୟ ଚୀନ ତୁଳନାରେ ବଜାରରେ ସ୍ଥାୟୀ ହୋଇଥିଲେ ମଧ୍ୟ ଭାରତ ଆଜିଯାଏଁ ପ୍ରତିବନ୍ଧକକୁ ସାମ୍ନା କରୁଛି ।

ଆଜି ପ୍ରତ୍ୟେକ ରାଷ୍ଟ୍ର ଅନ୍ୟରାଷ୍ଟ୍ର ଉପରେ କୌଣସି ନା କୌଣସି କାରଣ ଯୋଗୁ ନିର୍ଭରଶୀଳ । କିଏ ପ୍ରାକୃତିକ ସଂପଦ ଦୃଷ୍ଟିରୁ, କିଏ ଯୋଗାଣ ଦୃଷ୍ଟିରୁ କିମ୍ବା କିଏ ଉତ୍ପାଦନ ଦୃଷ୍ଟିରୁ ଅନ୍ୟରାଷ୍ଟ୍ର ଉପରେ ନିର୍ଭର କରୁଛନ୍ତି । ସେହିଦୃଷ୍ଟିରୁ ଦେଖିଲେ ଭାରତ-ୟୁରୋପୀୟ ସଂଘ ମଧ୍ୟରେ ଏହି ବାଣିଜ୍ୟିକ ମାର୍ଗ ମୁକ୍ତ ହେବା ଆବଶ୍ୟକ ଥିଲା । ଅତୀତରେ ୧୭୫୦ ପର୍ଯ୍ୟନ୍ତ ଭାରତର ବୈଦେଶିକ ବାଣିଜ୍ୟ ବିଶ୍ୱବ୍ୟାପି ଥିବା ସହ ମୋଟ ବିଶ୍ୱବାଣିଜ୍ୟର ଏକ ତୃତୀୟାଂଶ ରହିଥିଲା । କିନ୍ତୁ ୟୁରୋପରେ ଶିଳ୍ପ ବିପ୍ଳବ, ୟୁରୋପୀୟ ରାଷ୍ଟ୍ରମାନଙ୍କର ଭାରତର ଭିନ୍ନ ଭିନ୍ନ ସ୍ଥାନରେ ଶାସନ ପାଇଁ ଯୁଦ୍ଧ ଏହି ବାଣିଜ୍ୟିକ ସଂପର୍କକୁ କ୍ଷତି ପହଞ୍ଚାଇଥିଲା । ଯାହାଫଳରେ ଭାରତବାସୀ ନିଜେ ଲୁଣ ଉତ୍ପାଦନ କରୁଥିଲେ ମଧ୍ୟ ବିଦେଶୀ ଲୁଣ ଏବଂ ବିଦେଶୀ କପଡା କିଣିବାକୁ ବାଧ୍ୟ ହୋଇଥିଲେ । ସ୍ଥାନୀୟ କାରିଗରମାନେ, ସ୍ଥାନୀୟ ଉତ୍ପାଦକମାନେ ଶସ୍ତାରେ ଉତ୍ପାଦନ କରିବାକୁ ସକ୍ଷମ ଥିଲେ ମଧ୍ୟ ବିଦେଶୀଙ୍କ କଟକଣା ପାଇଁ କରିପାରୁନଥିଲେ । ଦୁଇଶହ ବର୍ଷର ଏହି ଅବ୍ୟବସ୍ଥା ଯୋଗୁ ଭାରତର ଘରୋଇ କୁଟୀର ଶିଳ୍ପଗୁଡିକ ନଷ୍ଟ ହୋଇଥିଲା । ସ୍ୱାଧୀନତା ପରେ ଉତ୍ପାଦନ ବୃଦ୍ଧି ଏବଂ ବିଶ୍ୱବାଣିଜ୍ୟ ପ୍ରତି ଦୃଷ୍ଟି ଦେବାରେ ବିଳମ୍ବ ହେଲା । କୂଟନୀତିକ ସଂପର୍କ ଦୁର୍ବଳ ହେବା ଯୋଗୁ ଭାରତର ପ୍ରଗତି ଚୀନ ତୁଳନାରେ ବହୁପଛରେ ପଡିଗଲା । ଗତ ତିରିଶବର୍ଷ ମଧ୍ୟରେ ବାଣିଜ୍ୟିକ କ୍ଷେତ୍ରରେ ଚୀନ ପ୍ରତିବର୍ଷ ପ୍ରଗତିକରି ଭାରତକୁ ବହୁତ ପଛରେ ପକାଇଦେଲା । ରାଜନୈତିକ ଅସ୍ଥିରତା, ଶାସନ କ୍ଷେତ୍ରରେ ମେଣ୍ଟ ସରକାରର ବାଧ୍ୟବାଧକତା ଏବଂ ଦୂରଦୃଷ୍ଟିସଂପନ୍ନ ନେତୃତ୍ୱର ଅଭାବ ହେତୁ ୧୯୭୫ରୁ ୧୯୧୪ ପର୍ଯ୍ୟନ୍ତ ଭାରତ ବିକାଶ ଦୌଡରେ ପଛରେ ପଡି ରହିଲା ।

କିନ୍ତୁ ୨୦୧୪ରେ କେନ୍ଦ୍ରରେ ଏକ ସ୍ଥିର ଏବଂ ସଶକ୍ତ ନେତୃତ୍ୱଯୁକ୍ତ ସରକାର ଆସିବା ପରଠାରୁ ଭାରତ ଅନେକ କ୍ଷେତ୍ରରେ ନିଜସ୍ୱ ନିଷ୍ପତ୍ତି ନେଲା । ସେମିତି ୨୦୧୩ଠାରୁ ଶିଥିଳ ହୋଇ ପଡିଥିବା ୟୁରୋପୀୟ ସଂଘ ସହ ବାଣିଜ୍ୟିକ ଆଲୋଚନା ଆରମ୍ଭକଲା । ୟୁରୋପୀୟ ସଂଘ ପାଇଁ ଏହି ବୁଝାମଣା ମଧ୍ୟ ଆବଶ୍ୟକ ରହିଥିଲା । ୨୦୧୩ରେ ୟୁରୋପୀୟ ସଂଘ ୧୫ରାଉଣ୍ଡ ଆଲୋଚନା ପରେ ଭାରତର ଆଇନଗତ ବ୍ୟବସ୍ଥା ଏବଂ ସୁଯୋଗକୁ ପ୍ରତ୍ୟାଖ୍ୟାନ କରି ଆଲୋଚନାକୁ ବନ୍ଦ ରଖିଥିଲା । ୨୦୧୫ରେ ସାମୁଦ୍ରିକ ଘଟଣାବଳୀକୁ କେନ୍ଦ୍ରକରି ୟୁରୋପର ପାର୍ଲିଆମେଣ୍ଟ ପ୍ରସ୍ତାବ ଆଣିବା ପରେ କୂଟନୀତିକ ବିଶ୍ୱାସ ଦୁର୍ବଳ ହୋଇଥିଲା । ୨୦୧୬ରୁ ୨୦୧୯ ମଧ୍ୟରେ ଆଲୋଚନା ଆରମ୍ଭ କରାଯିବା ଲାଗି ପ୍ରୟାସ ହୋଇଥିଲା । କିନ୍ତୁ ଶ୍ରମିକ ଏବଂ ପରିବେଶକୁ କେନ୍ଦ୍ରକରି ୟୁରୋପୀୟ ସଂଘର ବିଚାରକୁ ଭାରତ ବିରୋଧ କଲା । କୋରୋନା କାଳରେ ୟୁରୋପରେ ଭୟାବହ ମୃତ୍ୟୁ, ଟୀକାଯୋଗାଣରେ ଅବ୍ୟବସ୍ଥା ଏବଂ ପରେ ୟୁକ୍ରେନ- ରୁଷିଆ ଯୁଦ୍ଧ ଏହି ଆଲୋଚନାକୁ ବିଳମ୍ବିତ କରିଥିଲେ ମଧ୍ୟ ବାସ୍ତବତା ଆଡକୁ ଟାଣି ଆଣିଥିଲା । ୟୁରୋପୀୟ ସଂଘରୁ ବ୍ରିଟେନ ଅଲଗା ହେବା ଘଟଣା ପରେ ୟୁରୋପୀୟ ସଂଘ ନିଜସ୍ୱ ବାଣିଜ୍ୟିକ ନୀତି ପ୍ରସ୍ତୁତି ପାଇଁ ଚିନ୍ତିତ ଥିଲା । ଉର୍ସୁଲା ୟରୋପୀୟ ସଂଘର ଦାୟିତ୍ୱ ଗ୍ରହଣ କରିବାପରେ ଅଧିକ ସକ୍ରୀୟତା ସହ କାର୍ଯ୍ୟକଲେ । ଜର୍ମାନୀର ରାଜନୀତିରେ ଜଣେ ଶକ୍ତିଶାଳୀ ମହିଳା, ତିନିତିନଥର ମନ୍ତ୍ରୀ ହୋଇଥିବା ଉର୍ସୁଲା ଗତ ୨୦ବର୍ଷ ଧରି ସକ୍ରୀୟ ରହିଛନ୍ତି କ୍ଷମତାର ଭିନ୍ନ ଭିନ୍ନ ସ୍ତରରେ । ଆମେରିକାର ଚାପକ୍ରମେ ରୁଷିଆଠାରୁ ତୈଳକ୍ରୟ ନକରିବା, ୟୁକ୍ରେନ ଯୁଦ୍ଧକୁ ସମର୍ଥନ କରି ଅସ୍ତ୍ର ଯୋଗାଣ ଜାରି ରଖିବା ଯୋଗୁ ୟୁରୋପୀୟ ରାଷ୍ଟ୍ରଗୁଡିକ ଆର୍ଥିକ ଦୃଷ୍ଟିରୁ ଅନେକ କ୍ଷତିଗ୍ରସ୍ତ ହୋଇଛନ୍ତି । ସେମାନେ ଆମେରିକାର ତାଳରେ ନାଚିବାକୁ ଯାଇ ଭାରତକୁ ସମାଲୋଚନା କରିଆସିଛନ୍ତି ସିନା କିନ୍ତୁ ନିଜେ ସୁବିଧା ଲାଭରୁ ବଞ୍ଚିତ ହୋଇଛନ୍ତି । ଫେବୃଆରୀ-ଜୁଲାଇ ୨୦୨୫ ମଧ୍ୟରେ ୨୪ଟି ପର୍ଯ୍ୟାୟରୁ ୨୦ଟି ପର୍ଯ୍ୟାୟ ଆଲୋଚନା ଶେଷ ହୋଇଥିଲା । ଏହି ସମୟରେ ଟ୍ରମ୍ପଙ୍କ ବିଶ୍ୱବ୍ୟାପି ଶୁଳ୍କ କଟକଣା ନୀତି ଘୋଷଣା ଯୋଗୁ ୟୁରୋପୀୟ ସଂଘ ଭାରତ ସହ ଆଲୋଚନାକୁ ଆଗେଇ ନେବା ପାଇଁ ବାଧ୍ୟ ହୋଇଥିଲା।

ଭାରତୀୟ ସମ୍ବାଦ ସେବା (ଭାସ୍)
ଭୁବନେଶ୍ୱର-୭୫୧୦୦୩

# କଳା, ଐତିହ୍ୟ ଓ ସଂସ୍କୃତିର ପଞ୍ଚତୀର୍ଥ : ଖଣ୍ଡଗିରି-ଉଦୟଗିରି

### ଡ଼ଃ.ଅରୁନ୍ଧତୀ ଦେବୀ

ଓଡ଼ିଶାର ପ୍ରାଚୀନ ଐତିହାସିକ ପାହାଡ଼ ମଧ୍ୟରୁ ଖଣ୍ଡଗିରି ଅନ୍ୟତମ। ଖଣ୍ଡଗିରି ସଂଲଗ୍ନରେ ରହିଛି ଅନ୍ୟତମ ପୁରାତନ ପାହାଡ଼ ଉଦୟଗିରି। ଏକଦା ଘଞ୍ଚ ଅରଣ୍ୟରେ ପରିପୂର୍ଣ୍ଣ ଥିଲା ଏହି ପାହାଡ଼ ଦୁଇଟି। ଏହାର ପ୍ରାକୃତିକ ସୌନ୍ଦର୍ଯ୍ୟ ମୁଗ୍ଧ କରୁଥିଲା ପର୍ଯ୍ୟଟକମାନଙ୍କୁ। ସେହିପରି ସାଧୁ, ସନ୍ଥଙ୍କ ଆଗମନରେ ପବିତ୍ର ହୋଇଉଠୁଥିଲା ଏଠାକାର ପରିବେଶ। ଭୁବନେଶ୍ୱରରେ ଅବସ୍ଥିତ ଏହି ଐତିହାସିକ ପାହାଡ଼ରେ ରହିଛି ଅନେକ ପୁରାତନ ଗୁମ୍ଫା। ଏଠାକାର ଗୁମ୍ଫା ଗୁଡ଼ିକ ପ୍ରତ୍ନତତ୍ତ୍ୱ ଓ ଧାର୍ମିକ ଦୃଷ୍ଟିରୁ ବେଶ ମହତ୍ତ୍ୱପୂର୍ଣ୍ଣ। ଗୁମ୍ଫା ଗୁଡ଼ିକର ନିର୍ମାଣ ଶୈଳୀ ଅତ୍ୟନ୍ତ ଆକର୍ଷଣୀୟ ଓ ମନୋମୁଗ୍ଧକର। ପ୍ରତିଟି ଗୁମ୍ଫାରେ ରହିଛି ଓଡ଼ିଶାର କଳା, ସଂସ୍କୃତି ଓ ପରମ୍ପରାର ଚିତ୍ର। ତେବେ କେତେକ ଗୁମ୍ଫା ଧ୍ୱସ୍ତ ହୋଇଗଲାଣି। ଏହି ଗୁମ୍ଫା ଗୁଡ଼ିକରେ ସାଧୁସନ୍ଥମାନେ କଠୋର ତପସ୍ୟା କରି ଶାନ୍ତିରେ ସମାଧି ନେଉଥିଲେ। ବିଦ୍ୱାନ ବ୍ୟକ୍ତିମାନେ ସତ୍ୟ, ଶାନ୍ତି, ମୋକ୍ଷ ଓ ସୌନ୍ଦର୍ଯ୍ୟବୋଧ ପାଇଁ ଏଠାକୁ ଆସୁଥିଲେ। ସେହିପରି ଏଠାରେ ଥିବା ହାତୀଗୁମ୍ଫା ଶିଳାଲେଖରେ ଓଡ଼ିଆ ଭାଷାର ପ୍ରାଚୀନ ରୂପ ଦେଖିବାକୁ ମିଳିଥାଏ। ଖଣ୍ଡଗିରି ପାହାଡ଼ ଓ ଆଖପାଖରେ ରହିଛି ଅନେକ ମନ୍ଦିର, ମଠ ଓ ଆଶ୍ରମ। ଏଠାକାର ଆଧ୍ୟାତ୍ମିକ ପରିବେଶ ସାଧୁସନ୍ଥ, ପର୍ଯ୍ୟଟକ, ଦର୍ଶକମାନଙ୍କୁ ଭକ୍ତି ଭାବରେ ବିଭୋର କରେ। ପ୍ରାକୃତିକ ସୌନ୍ଦର୍ଯ୍ୟ ଉପଭୋଗ କରିବା ସହିତ ଐତିହାସିକ କୀର୍ତ୍ତିରାଜି, ବାସ୍ତୁକଳା, ଓଡ଼ିଶାର ପ୍ରାଚୀନ କଳା ଓ ସଂସ୍କୃତି ସଂପର୍କରେ ଜାଣିବା ପାଇଁ ପ୍ରତିଦିନ ହଜାର ହଜାର ପର୍ଯ୍ୟଟକଙ୍କ ଭିଡ଼ ଜମେ ଏହି ଐତିହାସିକ ପାହାଡ଼ରେ। ଆଜି ସମୟ ବଦଳି ଯାଇଛି। ତଥାପି ପ୍ରାଚୀନ କୀର୍ତ୍ତିରାଜି ଦେଖିବା ପାଇଁ ପର୍ଯ୍ୟଟକଙ୍କ ଭିତରେ ଆଗ୍ରହ ବଢ଼ିବାରେ ଲାଗିଛି।

ଭୁବନେଶ୍ୱରର ଏକ ଐତିହାସିକ ପାହାଡ଼ ଖଣ୍ଡଗିରି। ଏକଦା ଖଣ୍ଡଗିରି ଓ ଉଦୟଗିରି ପାହାଡ଼ର ଚାରିଆଡ଼େ ଶହ ଶହ ପ୍ରଜାତିର ବୃକ୍ଷଲତା ରହିଥିଲା। ଜୈବ ବିବିଧତା ଦୃଷ୍ଟିରୁ ଏହି ପାହାଡ଼ ଦୁଇଟି ବେଶ ଗୁରୁତ୍ୱପୂର୍ଣ୍ଣ। ଘଞ୍ଚ ଜଙ୍ଗଲରେ ପରିପୂର୍ଣ୍ଣ ଏହି ପାହାଡ଼ ସାଧୁସନ୍ଥ ମାନଙ୍କ ପାଇଁ ଥିଲା ସାଧନାର ମହାନ ଭୂମି। ସବୁଜିମା ଘଞ୍ଚ ଅରଣ୍ୟ, ପ୍ରାକୃତିକ ସୌନ୍ଦର୍ଯ୍ୟ, ଶାନ୍ତ ପରିବେଶ, ସାଧନା ପାଇଁ ଉଦ୍ଦିଷ୍ଟ ଗୁମ୍ଫା ନିମନ୍ତେ ସାଧୁସନ୍ନ୍ୟାସୀମାନେ ଏଠାକୁ ଧାଇଁଆସୁଥିଲେ। ଏଠାରେ ଥିବା ଆକାଶ ଗଙ୍ଗା, ଶ୍ୟାମକୁଣ୍ଡ, ଗୁପ୍ତଗଙ୍ଗା ଓ ରାଧାକୁଣ୍ଡର ପାଣିକୁ ସାଧୁମାନେ ବ୍ୟବହାର କରୁଥିଲେ। ସେହିପରି ଏଠାରେ ଉପଲବ୍ଧ ଫଳାହାର କରୁଥିଲେ। ପୁଣି ଏହି ପାହାଡ଼ର ଅନେକ ଗଛଲତାର ଥିଲା ଔଷଧୀୟ ଗୁଣ। ଆଜି ବହୁ ଗଛଲତା ଲୋପ ପାଇଗଲାଣି। ତଥାପି ଏବେ ବି ଅନେକ ଔଷଧୀୟ ଗୁଳ୍ମ ରହିଛି।

ଓଡ଼ିଶାର ନିଘଞ୍ଚ ସବୁଜ ଶ୍ରୀମଣ୍ଡିତ ଅରଣ୍ୟ ମନରେ ବିସ୍ମୟ ସୃଷ୍ଟି କରେ। ପାହାଡ଼, ପର୍ବତ, ତରୁଲତା ବେଷ୍ଟିତ ଅରଣ୍ୟର ଶୋଭା ସନ୍ଦର୍ଶନ କରି ସମସ୍ତ ଜାଗତିକ ଜଞ୍ଜାଳ କ୍ଷଣିକ ପାଇଁ ଭୁଲି ମନୁଷ୍ୟ ଅତୀନ୍ଦ୍ରିୟ ରାଜ୍ୟରେ ବିଚରଣ କରେ। ଏ ସବୁ ଦୃଷ୍ଟିରୁ ବିଚାର କଲେ ଓଡ଼ିଶା ଏଭଳି ଏକ ରାଜ୍ୟ, ଯେଉଁ ରାଜ୍ୟରେ ପ୍ରାକୃତିକ ସୌନ୍ଦର୍ଯ୍ୟ ସହ ପୁରାତନ ଐତିହ୍ୟ, ଧାର୍ମିକ, ପରମ୍ପରା ଓ ସାଂସ୍କୃତିକ ବିଭିନ୍ନତା ଏକ ନିଚ୍ଛକ ସମ୍ମିଶ୍ରଣ ଦେଖିବାକୁ ମିଳେ। ସେଭଳି ପ୍ରାକୃତିକ ପରିବେଶରେ ଥିବା ପର୍ଯ୍ୟଟନ ସ୍ଥଳୀଗୁଡ଼ିକ ମଧ୍ୟରେ ଖଣ୍ଡଗିରି-ଉଦୟଗିରି ଅନ୍ୟତମ। ଖଣ୍ଡଗିରି ଓ ଉଦୟଗିରି ସୌନ୍ଦର୍ଯ୍ୟ, ପ୍ରାଚୀନ ଗୁମ୍ଫା ଦେଶବିଦେଶର ପର୍ଯ୍ୟଟକ ମାନଙ୍କୁ ସର୍ବଦା ଆକର୍ଷିତ କରିଆସିଛି।

ଓଡ଼ିଶାର ରାଜଧାନୀ ଭୁବନେଶ୍ୱରର ପଶ୍ଚିମ ଦିଗରେ ଅବସ୍ଥିତ ଖଣ୍ଡଗିରି ଉଦୟଗିରି ପର୍ଯ୍ୟଟନ ସ୍ଥଳୀ। ଖଣ୍ଡଗିରି ଓ ଉଦୟଗିରି ଐତିହାସିକ ପୃଷ୍ଠଭୂମି ଖୁବ ଗୌରବମୟ। କଳିଙ୍ଗର ମହାନ ରାଜା ଖାରବେଳଙ୍କ ଶାସନ କାଳରେ ଖଣ୍ଡଗିରି ଓ ଉଦୟଗିରି ପାହାଡ଼ରେ ପ୍ରାୟ ଚାଳିଶ ଗୋଟି ଗୁମ୍ଫା ଖୋଦିତ ହୋଇଥିଲା। ଯେଉଁଠାରେ ଜୈନ ସନ୍ନ୍ୟାସୀମାନେ ବାସ କରିବାସହ ଧ୍ୟାନ, ସାଧନା ଓ ଧାର୍ମିକ କାର୍ଯ୍ୟ ସଂପାଦନା କରୁଥିଲେ। ପଥରକୁ କାଟି ଏକ ଗୁମ୍ଫାଗୁଡ଼ିକ ନିର୍ମାଣ କରାଯାଇଅଛି। ଏହା ଭିତରେ ଥିବା ଶିଳାଲେଖ କଳିଙ୍ଗ ସଭ୍ୟତାର ସାକ୍ଷ୍ୟ ବହନ କରେ। ଐତିହାସିକ ଓ ପ୍ରତ୍ନତତ୍ତ୍ୱବିତ୍ ମାନଙ୍କ ପାଇଁ ଏହା ଗବେଷଣାର କେନ୍ଦ୍ର କହିଲେ ଅତ୍ୟୁକ୍ତି ହେବନାହିଁ। ବିଶ୍ୱାସ କରାଯାଏ ଯେ ଖ୍ରୀଷ୍ଟ ପୂର୍ବ ଷଷ୍ଠ ଶତାବ୍ଦୀରେ ଜୈନ ଧର୍ମର ପ୍ରତିଷ୍ଠାତା ମହାବୀର ଖଣ୍ଡଗିରି ଏବଂ ଉଦୟଗିରିରୁ ପରିଦର୍ଶନରେ ଆସିଥିଲେ। ଖ୍ରୀପୂ ୨ୟ ଶତାବ୍ଦୀର ବହୁ ପୂର୍ବରୁ ପଣ୍ଡିତମାନେ ରାଣୀଗୁମ୍ଫା ଓ ହାତୀଗୁମ୍ଫାକୁ ଉଦୟଗିରି ଠାରେ ଓଡ଼ିଶାର ସଂସ୍କୃତିକୁ ନୃତ୍ୟକଳା ମାଧ୍ୟମରେ ବର୍ଣ୍ଣନା କରାଇଥିଲେ। ସେମାନଙ୍କ ମତରେ ଉଦୟଗିରିର ଗୁମ୍ଫା ଗୁଡ଼ିକ ଆଖଡ଼ା ଗୃହ ରୂପେ ପରିଚିତ ଥିଲା। ସମ୍ରାଟ ଖାରବେଳ ଏହି ସଂସ୍କୃତିର ପୃଷ୍ଠପୋଷକ ଭାବରେ ଅତ୍ୟନ୍ତ ବିଶ୍ୱସ୍ତ ଏବଂ ନିଷ୍ଠାବାନ ଥିଲେ। ଖଣ୍ଡଗିରି ଓ ଉଦୟଗିରି ପ୍ରାଚୀନ ଗୁମ୍ଫା ଗୁଡ଼ିକ ଏବେ ଦେଶବିଦେଶର ପର୍ଯ୍ୟଟକମାନଙ୍କ ପାଇଁ ଆକର୍ଷଣର କେନ୍ଦ୍ର ପାଲଟିଛି। ଜୈନ ଧର୍ମର ପବିତ୍ର ସ୍ଥଳୀ ହେଉଛି ଖଣ୍ଡଗିରି ଓ ଉଦୟଗିରି। ପ୍ରତିବର୍ଷ ବହୁ ଜୈନଧର୍ମାବଲମ୍ବୀମାନେ ଏଠାକୁ ତୀର୍ଥ ପାଇଁ ଆସନ୍ତି। ଖଣ୍ଡଗିରି ପାହାଡ଼ ଉପରେ ଥିବା ଜୈନ ଧର୍ମାବଲମ୍ବୀମାନଙ୍କ ମୂର୍ତ୍ତି ପର୍ଯ୍ୟଟକ ଓ ଭକ୍ତମାନଙ୍କୁ ଆକର୍ଷିତ କରେ। ପ୍ରତିବର୍ଷ ଖଣ୍ଡଗିରି ମେଳାରେ ବହୁ ଜନସାଧାରଣ ତଥା ସାଧୁସନ୍ଥଙ୍କର ସମାଗମ ହୋଇଥାଏ।

ଖଣ୍ଡିଗିରି ଓ ଉଦୟଗିରି ଶାନ୍ତ ସ୍ନିଗ୍ଧ ପାହାଡ଼ର ଶୀର୍ଷ ଦେଶରୁ ଭୁବନେଶ୍ୱରର ଦୃଶ୍ୟ ଅତ୍ୟନ୍ତ ଚିତ୍ତାକର୍ଷକ। ଖଣ୍ଡଗିରି ପର୍ଯ୍ୟଟନ ସ୍ଥଳୀ ରୂପେ ଓଡ଼ିଶାର ଅର୍ଥନୀତି ବିକାଶରେ ଏକ ଗୁରୁତ୍ୱପୂର୍ଣ୍ଣ ସ୍ଥାନ ବହନ କରେ। ଦୁଇ ହଜାର ବର୍ଷ ଠାରୁ ପୁରାତନ ଯୁଗଳ ପର୍ବତ ଖଣ୍ଡଗିରି ଓ ଉଦୟଗିରି ଉତ୍କଳର ଧନାଢ଼୍ୟ ଓ ଚମକପ୍ରଦ ଐତିହ୍ୟର ନୀରବ ସାକ୍ଷୀ। ଏହି ପାହାଡ଼ ଦୁଇଟି ନିଜର ଚୁମ୍ବକୀୟ ଶକ୍ତି ବଳରେ କେତେ ସାଧୁ, ସନ୍ଥ ଓ ସନ୍ନ୍ୟାସୀଙ୍କୁ ତାଙ୍କର ଗୁମ୍ଫାରେ ନିରବ ସାଧନା କରିବାକୁ ପ୍ରଶ୍ରୟ ଦେଇଛନ୍ତି। ଏହି ସିଦ୍ଧିକ୍ଷେତ୍ରରେ ପ୍ରଥମେ ଜୈନ ମୁନିମାନେ ଏବଂ କାଳକ୍ରମେ ହିନ୍ଦୁ ଧର୍ମର ସାଧକମାନେ ଏହାର ଗୁମ୍ଫାରେ ଆଧ୍ୟାତ୍ମିକ ସାଧନାରେ ସିଦ୍ଧି ଲାଭ କରିଥିଲେ। ଦୀର୍ଘ ଦୁଇ ହଜାର ବର୍ଷ ଧରି କେତେ କେତେ ସାଧୁସନ୍ଥ କେଳବ ଧ୍ୟାନମଗ୍ନ ହୋଇ ଏହି ସ୍ଥାନ ପବିତ୍ର କରିନାହାନ୍ତି କାଳକ୍ରମେ ଏହି ଦୁଇ ପର୍ବତର ପାଦ ଦେଶରେ ବହୁ ମଠ, ଆଶ୍ରମ ଓ ମନ୍ଦିର ଗଢ଼ି ଉଠି ଏହାର ପରିବେଶକୁ ଆଧ୍ୟାତ୍ମମୟ କରି ଗଢ଼ି ତୋଳିଛନ୍ତି।

ଓଡ଼ିଶାର ପ୍ରାକୃତିକ ବିଭବ ଜାତିର ଅସ୍ମିତାର ଅଭିବୃଦ୍ଧିରେ ସହାୟକ ହୋଇଥାଏ ଏହା ସୁନିଶ୍ଚିତ। ନଦୀ, ଝରଣା, ପାହାଡ଼, ଜଳ ପ୍ରପାତ, ସମୁଦ୍ର, ବେଳାଭୂମି, ମାଳଭୂମି ଓ ନିଘଞ୍ଚ ଜଙ୍ଗଲ ପ୍ରଭୃତି ଓଡ଼ିଶାର ସମୃଦ୍ଧି ଦିଗରେ ଓ ସାମଗ୍ରିକ ବିକାଶ କ୍ଷେତ୍ରରେ ବହୁ ଗୁରୁତ୍ୱପୂର୍ଣ୍ଣ ଭୂମିକା ଗ୍ରହଣ କରିଛନ୍ତି। ଅନେକ ପାହାଡ଼, ପର୍ବତ ପ୍ରଭୃତି ପ୍ରାକୃତିକ ସୃଷ୍ଟି ମାନବ ସମାଜ ପାଇଁ ବରଦାନ ସଦୃଶ୍ୟ କାର୍ଯ୍ୟ କରିଥାଏ। ଭାରତ ସମେତ ଓଡ଼ିଶାର ବିଭିନ୍ନ ପ୍ରାନ୍ତରରେ ଏହି ପାହାଡ଼, ପର୍ବତ, ସାମାଜିକ, ଆର୍ଥିକ, ଧାର୍ମିକ ଓ ସାଂସ୍କୃତିକ ଉନ୍ନତିରେ ସହାୟକ ହୋଇ ଆସିଛି। ଏପରିକି ରାଜନୈତିକ ଦୃଶ୍ୟପଟରେ ଅବଲୋକନ କଲେ ଗିରିଦୁର୍ଗ, ରାଜପ୍ରସାଦ ସୁରକ୍ଷା ଓ ନିରାପତ୍ତା ଦୃଷ୍ଟିରୁ ପାହାଡ଼, ପର୍ବତ ଜନଜୀବନକୁ ଗଭୀର ଭାବରେ ଅନୁପ୍ରାଣୀତ ଓ ପ୍ରଭାବିତ କରିଅଛି। ମହେନ୍ଦ୍ରଗିରି, ଦେଓମାଳି, ନିୟମଗିରି, ଗନ୍ଧମାର୍ଦ୍ଦନ, ଚନ୍ଦ୍ରଗିରି, ଦାରିଙ୍ଗିବାଡ଼ି, ଓଳାଶୁଣି, ମାଲ୍ୟଗିରି, ଦେଉଳି, ଟେନସା, ଗୋନାସିକା, ତପ୍ତପାଣି, ମାଙ୍କଡ଼ନାଚ, ବରୁଣେଇ, ଧଉଳି, ରତ୍ନଗିରି ଏହି ପର୍ବତ ଗୁଡ଼ିକ ଭିନ୍ନ ଭିନ୍ନ ଦୃଷ୍ଟିକୋଣରୁ ସେଗୁଡ଼ିକର ଗୁରୁତ୍ୱ ଉପଲବ୍ଧ କରାଯାଇଥାଏ। ପ୍ରାକୃତିକ ଖଣିଜ ସମ୍ପଦ, ଜୈବ ବିବିଧତା, ନଦୀ, ଝରଣା, ପ୍ରଭୃତି ଜଳାଶୟମାନଙ୍କର ଉତ୍ସ ଏହି ପର୍ବତ ଶ୍ରେଣୀର ଅଟନ୍ତି। ଓଡ଼ିଶାର ରାଜଧାନୀ ମନ୍ଦିରମାଳିନୀ ଏକାମ୍ର କ୍ଷେତ୍ର ଭୁବନେଶ୍ୱରର ମଧ୍ୟ ଭାଗରେ ଅବସ୍ଥିତ ଐତିହ୍ୟ ଓ ସଂସ୍କୃତି ବିମଣ୍ଡିତ ଖଣ୍ଡଗିରି ଉଦୟଗିରି ପାହାଡ଼। ଓଡ଼ିଶାର ଗୌରବମୟ ଇତିହାସର ଇତିକଥାରେ ଏକ ସ୍ୱର୍ଣ୍ଣାଭ ଓ ସ୍ମରଣୀୟ ଅଧ୍ୟାୟର ଅଧିକାରୀ ଖଣ୍ଡଗିରି ଓ ଉଦୟଗିରି। ଏହି ଦୁଇ ପାହାଡ଼ର ବିଶେଷତ୍ୱକୁ ନେଇ ଏଇ ସ୍ୱତନ୍ତ୍ର ଉପସ୍ଥାପନା।

**ନିର୍ଦ୍ଦେଶିକା-ସମ୍ପାଦିକା, ଆନ୍ତର୍ଜାତିକ ଅଶୋଭନୀୟତା ନିରୋଧ ଆନ୍ଦୋଳନ, କଟକ, ଦୂରଭାଷ : ୯୯୩୭୧୭୨୮୧୦**



# ଅନଲାଇନ୍ ଗେମ୍ ନେଲା ୩ ଜୀବନ

**ନୂଆଦିଲ୍ଲୀ,୪।୨(ଏଜେନ୍ସି):** ସମସ୍ତେ ଆଶ୍ଚର୍ଯ୍ୟ । ପରିବାର ସ୍ତବ୍ଧ। ଟ୍ରିପଲ୍ ସୁଇସାଇଡକୁ ନେଇ ଚହଳ ପଡିଯାଇଛି । ଅନଲାଇନ୍ ଗେମ୍ ନେଇଛି ୩ ଜୀବନ । ଆପାର୍ଟମେଣ୍ଟର ନବମ ମହଲାରୁ ଡେଇଁ ୩ ଭଉଣୀ ଜୀବନ ହାରିଛନ୍ତି । ସମସ୍ତଙ୍କ ବୟସ ୧୨, ୧୪ ଏବଂ ୧୬ ବର୍ଷ । କୋରିଆନ୍ ଲଭ୍ ଗେମ୍ ନାମକ ଅନଲାଇନ୍ ଟାସ୍କରେ ମାତିଥିଲେ ୩ ଭଉଣୀ । ଅନଲାଇନ୍ ଗେମ୍ ପାଇଁ ସବୁଦିନ ସ୍କୁଲ ମଧ୍ୟ ଯାଉ ନଥିଲେ । ଅନଲାଇନ୍ ଗେମରୁ ନିବୃତ୍ତ ରହିବାରୁ ବାପା ମା' ଆକଟ କରିବାରୁ ଏପରି ଚରମ ନିଷ୍ପତ୍ତି ନେଇଛନ୍ତି ୩ ନାବାଳିକା ଭଉଣୀ । ଉତ୍ତରପ୍ରଦେଶ ଗାଜିଆବାଦରେ ଘଟିଥିବା ଏହି ଘଟଣା ଚାଞ୍ଚଲ୍ୟ ଖେଳାଇ ଦେଇଛି । 'ସରି ବାପା-ମା' ଗେମ୍ ଛାଡ଼ିପାରୁନୁ'- ଗାଜିଆବାଦର ଟିଲାମୋଡ ଥାନା ଅଞ୍ଚଳରେ ଏକ ହୃଦୟବିଦାରକ ଘଟଣା ଘଟିଛି । ଯେଉଁଠାରେ ଗୋଟିଏ ପରିବାରର ତିନି ଜଣ ନାବାଳିକା ଭଉଣୀ ଆପାର୍ଟମେଣ୍ଟରୁ ଡେଇଁ ଜୀବନ ହାରିଛନ୍ତି । ତିନି ଝିଅଙ୍କ ମୃତ୍ୟୁ ପରିବାରକୁ ଦୁଃଖରେ ବୁଡାଇ ଦେଇଛି । ତିନି ଭଉଣୀ ଗତ କିଛି ମାସ ଧରି ଅନଲାଇନ୍ ଗେମ୍ ଖେଳିବା ନିଶାରେ ଥିଲେ । କୋଭିଡ୍-୧୯ ମହାମାରୀ ପରଠାରୁ ନିୟମିତ ସ୍କୁଲକୁ ଯାଉନଥିଲେ। ଅନଲାଇନ୍ ଟ୍ରେଡିଂରେ କାମ କରୁଥିବା ଏବଂ ତିନି ବର୍ଷ ଧରି ଭାରତ ସିଟି ସୋସାଇଟିରେ ଭଡ଼ାରେ ରହୁଥିବା ଚେତନ କୁମାରଙ୍କର ୧୬, ୧୪ ଏବଂ ୧୨ ବର୍ଷ ବୟସର ତିନୋଟି ଝିଅ ଥିଲେ । ସେ ଅନଲାଇନ୍ ଗେମ୍ ନିଶାରେ ପଡିଥିଲେ। ଏଥିରୁ ନିବୃତ୍ତ ରହିବାକୁ ବାପା ମାଆ ବାରମ୍ବାର ଆକଟ କରୁଥିଲେ । ହେଲେ ଗେମ୍ ଛାଡି ପାରିଲେ ନାହିଁ ୩ ଭଉଣୀ । ଶେଷରେ ଦୁନିଆ ଛାଡିବାକୁ ନିଷ୍ପତ୍ତି ନେଲେ । ସୁଇସାଇଡ୍ ନୋଟ୍ରେ ସରି ବାପାମାଆ। ଗେମ୍ ଛାଡ଼ି ପାରିଲୁ ନାହିଁ ବୋଲି ଲେଖିଛନ୍ତି। ରିପୋର୍ଟ ଅନୁଯାୟୀ, ଚେତନ କୁମାରଙ୍କ ତିନି ଝିଅ ଏକାଠି ଆତ୍ମହତ୍ୟା କରିଛନ୍ତି । ଘଟଣାଟି ମଙ୍ଗଳବାର ରାତି ପ୍ରାୟ ୨ଟା ସମୟରେ ଘଟିଥିଲା ଚେତନ କୁମାର ତାଙ୍କ ସ୍ତ୍ରୀଙ୍କ ସହ ଅନ୍ୟ ଏକ କୋଠରୀରେ ଶୋଇଥିଲେ । ତିନି ଭଉଣୀ ସେମାନଙ୍କ କୋଠରୀର ଝରକା ଉପରୁ ଡେଇଁ ପଡ଼ିଥିଲେ । ସେମାନେ ଗତ କିଛି ମାସ ଧରି ଅନଲାଇନ୍ ଟାସ୍କ-ଭିତ୍ତିକ ଖେଳ କୋରିଆନ୍ ଲଭର୍ ଖେଳୁଥିଲେ । କୋଭିଡ୍-୧୯ ମହାମାରୀ ପରେ ତିନିଜଣ ସ୍କୁଲ ମଧ୍ୟ ଛାଡି ଦେଇଥିଲେ।

# ବଲୁଚିସ୍ତାନର ବିଶାଳ ଭୂଭାଗ ପାକିସ୍ତାନ ସେନାର ଅକ୍ଷମତାର କାରଣ

**ନୂଆଦିଲ୍ଲୀ,୪।୨(ଏଜେନ୍ସି):** ପାକିସ୍ତାନର ବଲୁଚିସ୍ତାନରେ ବିଦ୍ରୋହୀ ବଲୁଚିସ୍ତାନ ଲିବରେସନ ଆର୍ମି (ବିଏଲ୍ଏ) ଓ ସୁରକ୍ଷାକର୍ମୀଙ୍କ ମଧ୍ୟରେ ଗତ ସପ୍ତାହରେ ବଡ଼ଧରଣର ସଂଘର୍ଷ ଘଟିଥିଲା। ଏପରିସ୍ଥିତିରେ ବିଦ୍ରୋହୀଙ୍କ ସହିତ କେଣସି ପ୍ରକାର କଥାବାର୍ତ୍ତା କରିବାକୁ ପାକିସ୍ତାନ ପ୍ରତିରକ୍ଷା ମନ୍ତ୍ରୀ ଖ୍ୱାଜା ଆସିଫ୍ ମନା କରିଦେଇଛନ୍ତି। ନାଗରିକଙ୍କ ମୃତ୍ୟୁ ପାଇଁ ଦାୟୀ ଆତଙ୍କବାଦୀଙ୍କ ସହିତ କେଣସି ପ୍ରକାର ଆଲୋଚନା କରାଯିବ ନାହିଁ ବୋଲି ସେ କହିଛନ୍ତି। ଆସିଫ୍ କହିଛନ୍ତି ଯେ, ପାକିସ୍ତାନୀ ସୁରକ୍ଷା ବାହିନୀ ବଲୁଚିସ୍ତାନ ଭୂଭାଗର ବିଶାଳତା ଯୋଗୁଁ ବିଦ୍ରୋହୀଙ୍କ ବିରୋଧରେ କେଣସି ଫଳପ୍ରଦ କାର୍ଯ୍ୟାନୁଷ୍ଠାନ ନେବାରେ ସକ୍ଷମ ହେଉନାହାନ୍ତି । ପାକିସ୍ତାନର ନ୍ୟାସନାଲ ଆସେମ୍ବ୍ଲିକୁ ସମ୍ବୋଧିତ କରି ଆସିଫ୍ କହିଛନ୍ତି, ଦେଶର ସବୁଠୁ ବଡ଼ ପ୍ରଦେଶ ଓ ସବୁଠୁ କମ୍ ଲୋକ ରହୁଥିବା ବଲୁଚିସ୍ତାନରେ ସୁରକ୍ଷାକର୍ମୀଙ୍କୁ ଭୌଗୋଳିକ



ଆହ୍ୱାନର ସମ୍ମୁଖୀନ ହେବାକୁ ପଡୁଛି। ପାକିସ୍ତାନର ଭୂଭାଗର ୪୦ ପ୍ରତିଶତ କେବଳ ବଲୁଚିସ୍ତାନକୁ ନେଇ ଗଠିତ । ଏଥିପାଇଁ ବହୁତ ସଂଖ୍ୟକ ସୁରକ୍ଷାକର୍ମୀଙ୍କ ଆବଶ୍ୟକତା ରହିଛି । ବିଦ୍ରୋହୀ ଏକସାଙ୍ଗରେ ୧୨ଟି ସ୍ଥାନରେ ଆକ୍ରମଣ କରିଥିଲେ। ଏତେ ବଡ଼ ଅଞ୍ଚଳକୁ ଜଗିବାରେ ସୁରକ୍ଷାକର୍ମୀ ଅକ୍ଷମ ହେଉଛନ୍ତି ବୋଲି ଆସିଫ୍ କହିଛନ୍ତି । ପାକିସ୍ତାନ କର୍ତ୍ତୃପକ୍ଷଙ୍କ ସୂଚନା ଅନୁଯାୟୀ, ସପ୍ତାହନ୍ତ ହିଂସାରେ ୩୩ ନାଗରିକ ଓ ୧୭ ସୁରକ୍ଷାକର୍ମୀ ନିହତ ହୋଇଛନ୍ତି । ସୁରକ୍ଷାକର୍ମୀଙ୍କ ପକ୍ଷରୁ ଅପରେସନରେ ୧୭୭ ବିଦ୍ରୋହୀ ନିହତ ହୋଇଛନ୍ତି। ବିଏଲ୍ଏ ବିଦ୍ରୋହୀ ଓ ଅପରାଧୀଙ୍କ ମଧ୍ୟରେ ସମ୍ପର୍କ ରହିଛି। ଅପରାଧୀ ବିଦ୍ରୋହୀଙ୍କ ଆଳରେ କାମ କରୁଥିବା ଆସିଫ୍ କହିଛନ୍ତି ।

## ହାମିଦ ମୀରଙ୍କ ଚାଞ୍ଚଲ୍ୟକର ଦାବି

# ଇରାନ ବିରୋଧରେ ବଡ଼ ଷଡ଼ଯନ୍ତ୍ର ରଚୁଛି ଇସ୍ରାଏଲ

**ନୂଆଦିଲ୍ଲୀ,୪।୨(ଏଜେନ୍ସି):** ବରିଷ୍ଠ ପାକିସ୍ତାନୀ ସାମ୍ବାଦିକ ତଥା ଜିଓ ନ୍ୟୁଜ୍ ଆଙ୍କର ହମିଦ ମୀର ଏକ ଟିଭି କାର୍ଯ୍ୟକ୍ରମ ସମୟରେ ଆଶ୍ଚର୍ଯ୍ୟଜନକ ଦାବି କରିଛନ୍ତି । ତାଙ୍କ ଅନୁସାରେ, ଇସ୍ରାଏଲୀ ଗୁଇନ୍ଦା ସଂସ୍ଥା ମୋସାଦ ଏବେ ଇରାନ ବିରୋଧରେ ବଲୁଚିସ୍ତାନକୁ ବ୍ୟବହାର କରିବାକୁ ଷଡ଼ଯନ୍ତ୍ର ରଚୁଛି । ମୀର ତାଙ୍କ ସୋ କ୍ୟାପିଟାଲ୍ ଟକ୍ରେ କିଛି ଡକ୍ୟୁମେଣ୍ଟାରୀ ପ୍ରମାଣ ଓ ମିଡିଆ ରିପୋର୍ଟ ଉପସ୍ଥାପନ କରିଛନ୍ତି । ଏହା ସୂଚିତ କରୁଛି ଯେ, ବଲୁଚିସ୍ତାନରେ ଅସ୍ଥିରତା ସୃଷ୍ଟି କରି ଇରାନକୁ ଦୁର୍ବଳ କରିବା ପାଇଁ ଏକ ଅନ୍ତର୍ଜାତୀୟ ଷଡ଼ଯନ୍ତ୍ର ଚାଲିଛି। ହାମିଦ ମୀର କାର୍ଯ୍ୟକ୍ରମରେ ଆଉ ଏକ ଚାଞ୍ଚଲ୍ୟକର ଖୁଲାସା କରି କହିଛନ୍ତି ଯେ, ବଲୁଚିସ୍ତାନର ଜଣେ ପ୍ରମୁଖ ରାଜନେତା ତାଙ୍କୁ ବ୍ୟକ୍ତିଗତ ଭାବରେ ଜଣାଇଥିଲେ ଯେ, ତାଙ୍କ ଭାଇ ଗତ କିଛି ବର୍ଷ ମଧ୍ୟରେ ତିନିଥର ଇସ୍ରାଏଲ ଗସ୍ତ କରିଛନ୍ତି । ମୀରଙ୍କ ଅନୁଯାୟୀ, ସବୁଠାରୁ ଆଶ୍ଚର୍ଯ୍ୟଜନକ କଥା ହେଉଛି, ସେହି ବ୍ୟକ୍ତିଙ୍କ ପାସପୋର୍ଟରେ ଇସ୍ରାଏଲକୁ କୌଣସି ସରକାରୀ ଯାତ୍ରାର ଷ୍ଟାମ୍ପ ନଥିଲା । ଯାହା ଗୁପ୍ତଚର କାର୍ଯ୍ୟକୁ ସୂଚିତ କରୁଛିଯ ସେହି ବ୍ୟକ୍ତି ଏକ ରାଜନୈତିକ ଦଳ ସହିତ ଜଡିତ। ତାଙ୍କର ଦାବିକୁ ଦୃଢ଼ କରିବା ପାଇଁ, ହମିଦ ମୀର ଇସ୍ରାଏଲୀ ଖବରକାଗଜ ଟାଇମ୍ସ ଅଫ୍ ଇସ୍ରାଏଲରେ ପ୍ରକାଶିତ ଏକ ଲେଖାକୁ ଉଦ୍ଧୃତ କରିଛନ୍ତି । ଲେଖାଟି ସ୍ପଷ୍ଟ ଭାବରେ ଉଲ୍ଲେଖ କରିଛି ଯେ, ଇରାନର ସୀମାବର୍ତ୍ତୀ ବଲୁଚିସ୍ତାନ ଅଞ୍ଚଳ ଇରାନକୁ ଅସ୍ଥିର କରିବା ପାଇଁ ଏକ ପ୍ରମୁଖ ରଣନୈତିକ ବିନ୍ଦୁ ହୋଇପାରେ । ଏହା ବ୍ୟତୀତ, ସେ କତାରର ପ୍ରତିଷ୍ଠିତ ଚ୍ୟାନେଲ ଅଲ ଜାଜିରାର ଏକ ରିପୋର୍ଟକୁ ମଧ୍ୟ ଉଦ୍ଧୃତ କରିଛନ୍ତି। ଯେଉଁଥିରେ କୁହାଯାଇଛି, ଇସ୍ରାଏଲ ବଲୁଚିସ୍ତାନର ବର୍ତ୍ତମାନର ସମ୍ବେଦନଶୀଳ ପରିସ୍ଥିତିରୁ ଫାଇଦା ଉଠାଇବାକୁ ଚାହୁଁଛି । ଯାହା ଦ୍ୱାରା ସିଧାସଳଖ ଆଞ୍ଚଳିକ ପ୍ରତିଦ୍ୱନ୍ଦ୍ୱୀ ଇରାନର କ୍ଷତି ହେବ । ଆଲୋଚନା ସମୟରେ, ପ୍ୟାନେଲର ଅନ୍ୟ ବିଶେଷଜ୍ଞମାନେ ମଧ୍ୟ ମୀରଙ୍କ ଦାବିକୁ ସମର୍ଥନ କରିଥିଲେ। ପିଏମଏଲ-ଏନ ନେତା ଜରୀନ ମାଗସି କହିଥିଲେ ଯେ, ବଲୁଚିସ୍ତାନରେ ବୃଦ୍ଧି ପାଉଥିବା ଆତଙ୍କବାଦ ପଛରେ ସ୍ପଷ୍ଟ ଭାବରେ ଏକ ବିଦେଶୀ ହାତ ଅଛି ।

# ଇରାନ ଡ୍ରୋନକୁ ମାରି ଖସାଇଲା ଆମେରିକାର ଲଢୁଆ ବିମାନ

**ନୂଆଦିଲ୍ଲୀ,୪।୨(ଏଜେନ୍ସି):** ଆମେରିକା-ଇରାନ ମଧ୍ୟରେ ଉତ୍ତେଜନା ଚରମ ସ୍ଥିତିରେ ପହଞ୍ଚିବାରେ ଲାଗିଛି । ଆରବ ସାଗରରେ ଦୁଇ ଦେଶ ମଧ୍ୟରେ ମୁହାଁମୁହିଁ ସ୍ଥିତି ଦେଖିବାକୁ ମିଳିଛି। ଆରବ ସାଗରରେ ମୁତୟନ ତା'ର ଯୁଦ୍ଧ ଜାହାଜ ଆଡ଼କୁ ଆକ୍ରାମକ ଭାବେ ମାଡ଼ି ଆସୁଥିବା ଇରାନର ଏକ ଡ୍ରୋନକୁ ଏହାର ଫାଇଟର ଜେଟ୍ ଗୁଳି କରି ଖସାଇ ଦେଇଥିବା ଆମେରିକା ଦାବି କରିଛି । ଆରବ ସାଗରରେ ମୁତୟନ ଏହାର ବିମାନ ବାହକ ୟୁଏସ୍ଏସ୍ ଅବ୍ରାହମ୍ ଲିଙ୍କନ ଆଡ଼କୁ ମାଡ଼ି ଆସୁଥିବା ଇରାନ ଡ୍ରୋନକୁ ଏହାର ଲଢୁଆ ବିମାନ ଗୁଳି କରି ଖସାଇ ଦେଇଥିବା ଆମେରିକା ସେଣ୍ଟ୍ରାଲ କମାଣ୍ଡ ପକ୍ଷରୁ କୁହାଯାଇଛି । ହ୍ୱାଇଟ୍ ହାଉସ୍ ମୁଖପାତ୍ର କାରୋଲିନ୍ ଲିଭିଟ୍ କହିଛନ୍ତି ଯେ, ଏହି ଘଟଣା ସତ୍ତ୍ୱେ ଆମେରିକାର ରାଷ୍ଟ୍ରଦୂତ ଷ୍ଟିଭ୍ ୱିଟକଫ୍ ଚଳିତ ସପ୍ତାହର ଶେଷ ଭାଗରେ ଇରାନ ସହ ଆଲୋଚନା କରିବେ ବୋଲି ଆଶା କରାଯାଉଛି । ଆମେରିକା ସେନା ସୂଚନା ଅନୁଯାୟୀ, ଇରାନର ଶାହିଦ-୧୩୯ ଡ୍ରୋନ୍ ଆନ୍ତର୍ଜାତିକ ଜଳରାଶିରେ ମୁତୟନ ଆମେରିକା ଯୁଦ୍ଧଜାହାଜ ଆଡ଼କୁ ଆକ୍ରାମକ ଭାବେ ମାଡ଼ି ଆସୁଥିଲା । ଆମେରିକା ସେନା ଦ୍ୱାରା ଚେତାବନୀ ଦିଆଯିବା ସତ୍ତ୍ୱେ ଏହାକୁ ପଛକୁ ହଟି ନଥିଲା। ଏହାପରେ ଯୁଦ୍ଧଜାହାଜରେ ନିୟୋଜିତ ଏକ ଏଫ୍- ୩୫ସି ଲଢୁଆ ବିମାନ ଦ୍ୱାରା ଡ୍ରୋନକୁ ମଝି ଆକାଶରେ ଗୁଳି କରି ଖସାଇ ଦିଆଯାଇଥିଲା । ରିପୋର୍ଟ ଅନୁସାରେ, ଘଟଣା ସମୟରେ ଆମେରିକାର ଯୁଦ୍ଧଜାହାଜଟି ଇରାନର ଦକ୍ଷିଣ ଉପକୂଳରୁ ପ୍ରାୟ ୮୦୦ କିଲୋମିଟର ଦୂରରେ ଥିଲା । ଆମେରିକା ସେନା ଅନୁଯାୟୀ, ଏହାର କିଛି ଘଣ୍ଟା ପରେ ହର୍ମୁଜ ପ୍ରଣାଳୀରେ ଇରାନ ରିଭୋଲ୍ୟୁସନାରୀ ଗାର୍ଡ (ଆଇଆରଜିସି) ଆମେରିକା ପତାକା ଥିବା ଟ୍ୟାଙ୍କର୍ ଷ୍ଟେନା ଇମ୍ପେରେଟିଭକୁ ଅଟକ ରଖିବାକୁ ଚେଷ୍ଟା କରିଥିଲେ । ଇରାନୀ ସେନାର ଦୁଇଟି ଡଙ୍ଗା ଏବଂ ଏକ ଡ୍ରୋନ ଦ୍ରୁତ ଗତିରେ ଟ୍ୟାଙ୍କରର ପିଛା କରିଥିଲେ । ଆମେରିକାର ସେଣ୍ଟ୍ରାଲ କମାଣ୍ଡ ସ୍ପଷ୍ଟ କରିଛି ଯେ, ଇରାନୀ ଡ୍ରୋନକୁ ଖସାଇ ଦେବାରେ କୌଣସି ଆମେରିକୀୟ ସୈନିକ ଆହତ ହୋଇନାହାନ୍ତି କିମ୍ବା କୌଣସି ଉପକରଣ କ୍ଷତିଗ୍ରସ୍ତ ହୋଇନାହିଁ। ଏହି ଦୁଇଟି ଘଟଣା ଉପସାଗରୀୟ ଅଞ୍ଚଳରେ ଗମ୍ଭୀର ସୁରକ୍ଷା ଚିନ୍ତା ସୃଷ୍ଟି କରିଛି । ଆମେରିକା ଇରାନର ଏହି କାର୍ଯ୍ୟକୁ ଉସୁକାଇବା ପରି ବୋଲି କହିଛି ।

# ବଢ଼ିଲା ରାଜପଲ ଯାଦବଙ୍କ ଅଡୁଆ

**ନୂଆଦିଲ୍ଲୀ,୪।୨(ଏଜେନ୍ସି):** ବଢ଼ିଲା ବଲିଉଡ ଅଭିନେତା ରାଜପଲ ଯାଦବଙ୍କ ଅଡୁଆ । ଚେକ୍ ବାଉନ୍ସ ମାମଲାରେ ଆତ୍ମସମର୍ପଣ ଆଦେଶରୁ ଆଶ୍ୱସ୍ତି ପାଇବା ପାଇଁ ଦିଲ୍ଲୀ ହାଇକୋର୍ଟରେ କରିଥିବା ଆବେଦନରେ ଲାଗିଛି ଝଟକା । ଆବେଦନକୁ ଖାରଜ କରିଛନ୍ତି କୋର୍ଟ । ଏହାସହ ଆସନ୍ତା ୪ ତାରିଖରେ ଆତ୍ମସମର୍ପଣ କରିବାକୁ ନିର୍ଦ୍ଦେଶ ଦିଆଯାଇଥିଲା । ମୁମ୍ବାଇରେ ଥିବାରୁ ୨ଦିନ ଆତ୍ମସମର୍ପଣ ପାଇଁ ସମୟ ଦିଆଯାଇଥିଲା ମାତ୍ର ଏବେ କେଣସି ଆଧାର ନାହିଁ ।ଏଣୁ ଏବେ କୋହଳ କରିବାର କେଣସି କାରଣ ନାହିଁ । ସେପଟେ ରାଜପଲ ଯାଦବଙ୍କ ଓକିଲ କହିଥିଲେ, ଯଦି ଗୋଟିଏ ସପ୍ତାହ ସମୟ ଦିଆଯାଏ ତାହେଲେ ସେ ଟଙ୍କା ଦେଇପାରିବେ । ଏବେ ସେ ୫୦ ଲକ୍ଷ ଟଙ୍କାର ବ୍ୟବସ୍ଥା କରିଛନ୍ତି । କିନ୍ତୁ କୋର୍ଟ ଏହାକୁ ସିଧାସିଧା ମନା କରି ଦେଇଥିଲେ । ଏବେ ରାଜପଲ ଜେଲ କର୍ତ୍ତୃପକ୍ଷରେ ପାଖରେ ସରେଣ୍ଡ କରିବା ଶେଷ ଅପସନ୍ ରହିଛି। ଏହା ବ୍ୟତିତ କେଣସି ଦ୍ୱିତୀୟ ରାସ୍ତା ନାହିଁ । ଗତ ୨ ତାରିଖରେ ପ୍ରଥମେ କୋର୍ଟରେ ରାଜପଲଙ୍କୁ ଉସନା କରାଯାଇଥିଲା । ସେ କୋର୍ଟକୁ ବାରମ୍ବାର ପ୍ରତିଶୃତି ଦେଇ ଭାଙ୍ଗିଥିଲେ । ତେବେ ୨ଦିନ ସମୟ ଦିଆଯାଇଥିଲା । ମାତ୍ର ଏବେ କୌଣସି ରାସ୍ତା ନାହିଁ ।

# ଜାପାନରେ ତାଣ୍ଡବ ରଚୁଛି ତୁଷାରପାତ: ୩୫ ମୃତ

**ନୂଆଦିଲ୍ଲୀ,୪।୨(ଏଜେନ୍ସି):** ଜାପାନର ଉତ୍ତର ଭାଗରେ ପ୍ରକୃତି ତାଣ୍ଡବ ରଚିଛି । ଗତ ଦୁଇ ସପ୍ତାହ ଧରି ପ୍ରବଳ ତୁଷାରପାତ ସମଗ୍ର ସହରକୁ ଧଳା ମୃତ୍ୟୁର ଉଦରରେ ଘୋଡ଼ାଇ ଦେଇଛି। ଜାପାନୀ କର୍ତ୍ତୃପକ୍ଷଙ୍କ ସୂଚନା ଅନୁଯାୟୀ, ତୁଷାରପାତ ଯୋଗୁ ଏପର୍ଯ୍ୟନ୍ତ ୩୫ ଜଣଙ୍କ ଜୀବନ ଯାଇଛି। ମୃତକଙ୍କ ମଧ୍ୟରେ ଅଧିକାଂଶ ଲୋକଙ୍କର ଛାତରୁ ବରଫ ହଟାଇବା ସମୟରେ ଖସି ପଡ଼ି ମୃତ୍ୟୁ ହୋଇଥିବାବେଳେ କେତେକର ହଠାତ୍ ହୃଦଘାତର ଶିକାର ହୋଇ ଜୀବନ ଯାଇଛି ।ଅଧିକାରୀଙ୍କ ଅନୁଯାୟୀ, ବୁଧବାର ସୁଦ୍ଧା, ଜାପାନର ୧୫ଟି ପ୍ରାନ୍ତ ଏହି ବିପର୍ଯ୍ୟୟ ଦ୍ୱାରା ଗୁରୁତର ଭାବରେ ପ୍ରଭାବିତ ହୋଇଛି । କିଛି ଅଞ୍ଚଳରେ ୨ ମିଟର ପର୍ଯ୍ୟନ୍ତ ବରଫ ଆଚ୍ଛାଦିତ ହୋଇଛି । ଜାପାନର ପ୍ରମୁଖ ଧାନ ଉତ୍ପାଦନକାରୀ ଅଞ୍ଚଳ ନିଗାତା ପ୍ରାନ୍ତର ପରିସ୍ଥିତି ସବୁଠାରୁ ଗମ୍ଭୀର ରହିଛି । ସେଠାରେ ୧୨ ଜଣଙ୍କ ମୃତ୍ୟୁ ରେକର୍ଡ କରାଯାଇଛି । ଆକିତାରେ ସାତ ଜଣ



ଓ ୟାମାଗାଟାରେ ପାଞ୍ଚ ଜଣଙ୍କ ମୃତ୍ୟୁ ହୋଇଛି । ଆଓମୋରି ଅଞ୍ଚଳରେ ୧୮୩ ସେଣ୍ଟିମିଟର ତୁଷାରପାତ ରେକର୍ଡ କରାଯାଇଛି । ଗତ ୪୦ ବର୍ଷ ମଧ୍ୟରେ ଏହା ସର୍ବାଧିକ।ୟ ସୂଚନା ଅନୁଯାୟୀ, ତୁଷାରପାତରେ ଏପର୍ଯ୍ୟନ୍ତ ୩୯୩ ଜଣ ଆହତ ହୋଇଛନ୍ତି। ସେମାନଙ୍କ ମଧ୍ୟରୁ ୧୨୬ ଜଣଙ୍କ ଅବସ୍ଥା ଗୁରୁତର ରହିଛି । ପ୍ରାକୃତିକ ବିପର୍ଯ୍ୟୟ ଯୋଗୁ ଉଦ୍ଧାର କାର୍ଯ୍ୟରେ ବାଧା ସୃଷ୍ଟି ହେଉଛି। ଜାପାନର ମୁଖ୍ୟ କ୍ୟାବିନେଟ୍ ସଚିବ ମିନୋରୁ କିହାରା ନାଗରିକମାନଙ୍କୁ ସତର୍କ କରାଇ ଦେଇଛନ୍ତି ଯେ ପାଗ ଗରମ ହେବା ଓ ତୁଷାର ତରଳିବା ସହିତ ଭୂସ୍ଖଳନ ଆଶଙ୍କା ବୃଦ୍ଧି ପାଇବ । ସେ ଲୋକମାନଙ୍କୁ ବରଫ ସଫା କରିବା ସମୟରେ ହେଲମେଟ୍ ଓ ଅଣ୍ଟାରେ ଲାଇଫଲାଇନ ରଶି ବାନ୍ଧିବାକୁ ପରାମର୍ଶ ଦେଇଛନ୍ତି ।

# ଆମେରିକାଠୁ ତେଲ କିଣିବା ପ୍ରସଙ୍ଗରେ ଭାରତକୁ ରୁଷର ସମର୍ଥନ

**ନୂଆଦିଲ୍ଲୀ,୪।୨(ଏଜେନ୍ସି):** ରଷଠୁ ଭାରତ ଆଉ ତେଲ କ୍ରୟ କରିବ ନାହିଁ, ଆମେରିକାଠୁ ତେଲ କିଣିବ ଭାରତ। ଆମେରିକା ସହ ଭାରତର ବାଣିଜ୍ୟ ଚୁକ୍ତି ପରେ କିଛି ଏହିଭଳି ଦାବି ଉଠାଇଥିଲେ ଆମେରିକା ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପ । ଟ୍ରମ୍ପଙ୍କ ଏହି ବୟାନ ପରେ ସମସ୍ତଙ୍କ ନଜର ମସ୍କୋ ଉପରେ ରହିଥିଲା। ପ୍ରଶ୍ନ ଉଠୁଥିଲା କି, କଣ ରଷ-ଭାରତ ସମ୍ପର୍କରେ ଫାଟ ସୃଷ୍ଟି ହେବ ? ନା ଆମେରିକା ଚାପରେ ଆସି ପ୍ରଧାନମନ୍ତ୍ରୀ ମୋଦୀ ତାଙ୍କ ପୁରୁଣା ବନ୍ଧୁଙ୍କ ହାତ ଛାଡ଼ିଦେଲେ ? ଏଭଳି ଅନେକ ପ୍ରଶ୍ନ ଉପୁଜୁଥିବାବେଳେ ବୁଧବାର ରୁଷ ତରଫରୁ ଯେଉଁ ବୟାନ ଆସିଛି, ତାହା ସବୁ ପ୍ରଶ୍ନ ଉପରେ ପୂର୍ଣ୍ଣଛେଦ ପକାଇଦେଇଛି। ରୁଷ ସ୍ପଷ୍ଟ କରି କହିଛି, ଯଦି ତେଲ କିଣିବା ପାଇଁ ଭାରତ କୌଣସି ବିକଳ୍ପ ଆପଣାଉଛି ତାହେଲେ ଏଥିରେ କୌଣସି ଆପତ୍ତି ନାହିଁ, କି ଏହା କୌଣସି ନୂଆ କଥା ବି ନୁହେଁ ।କ୍ରେମଲିନ୍ ମୁଖପାତ୍ର ଦିମିତ୍ରୀ ପେସକୋଭ୍ ବୁଧବାର ଏକ ଗଣମାଧ୍ୟମକୁ ପ୍ରତିକ୍ରିୟା ଦେଇ କହିଛନ୍ତି, କେବଳ



ଆମେ ନୁହେଁ, ବରଂ ଆନ୍ତର୍ଜାତୀୟ ଶକ୍ତି ପ୍ରସଙ୍ଗରେ ସମସ୍ତ ବିଶେଷଜ୍ଞ ଭଲ ଭାବରେ ଜାଣନ୍ତି ଯେ ରୁଷ ଭାରତକୁ ତୈଳ ଓ ପେଟ୍ରୋଲିୟମ ଉତ୍ପାଦର ଏକମାତ୍ର ଯୋଗାଣକାରୀ ନୁହେଁ । ଭାରତ ସବୁବେଳେ ଏହି ଉତ୍ପାଦଗୁଡ଼ିକୁ ଅନ୍ୟ ଦେଶଗୁଡ଼ିକରୁ ମଧ୍ୟ କିଣିଛି। ତେଣୁ, ଆମେ ଏଥିରେ କିଛି ନୂଆ କଥା ଦେଖୁନାହୁଁ। ତେବେ ରୁଷର ଏହି ବୟାନ ପ୍ରଧାନମନ୍ତ୍ରୀ ମୋଦୀଙ୍କ ନୀତିକୁ ମୋହର ଲଗାଇଲା ଭଳି ମନେ ହେଉଛି । ରୁଷ ଏହା ସ୍ୱୀକାର କରିଛି ଯେ ଭାରତ ଭଳି ଏକ ବିଶାଳ ଦେଶ କୌଣସି ଗୋଟିଏ ଦେଶ ଉପରେ ନିର୍ଭର କରିପାରିବ ନାହିଁ। ଗତ ଦୁଇ ବର୍ଷ ମଧ୍ୟରେ, ୟୁକ୍ରେନ ଯୁଦ୍ଧ ସତ୍ତ୍ୱେ, ଭାରତ ପାଶ୍ଚାତ୍ୟ ଧମକକୁ ଅଣଦେଖା କରି ରୁଷଠୁ ରେକର୍ଡ କମ ମୂଲ୍ୟରେ ତେଲ କିଣିଛି। ଯାହା ଭାରତର ଅର୍ଥନୀତିକୁ ମଜଭୂତ କରିବାରେ ସାହାଯକ ମଧ୍ୟ ହୋଇଛି । ବର୍ତ୍ତମାନ, ଯଦି ଭାରତ ଆମେରିକାଠୁ ତେଲ କିଣେ, ଏହା ଏକ ସନ୍ତୁଳନମୂଳକ ପଦକ୍ଷେପ ହେବ । ପ୍ରଧାନମନ୍ତ୍ରୀ ମୋଦୀଙ୍କ ବୈଦେଶିକ ନୀତିର ମୂଳ ଉଦ୍ଦେଶ୍ୟ ହେଉଛି ପ୍ରଥମେ ରାଷ୍ଟ୍ର। ଭାରତ ନା'ତ ଆମେରିକାର ଗୁଲାମ ନା ରଷର ଏକ ଗ୍ରାହକୟ ଭାରତ ଏକ ସ୍ୱାଧୀନ ଶକ୍ତି । ଭାରତ ସେହି ବଜାରରୁ ସାମଗ୍ରୀ କିଣିବ ଯେଉଁଠାରେ ସେ ସର୍ବୋତ୍ତମ ଓ ଶସ୍ତା ଡିଲ୍ ପାଇବ ।

# ନିର୍ବାଚନ ପୂର୍ବରୁ ବାଂଲାଦେଶରେ ଭୟଙ୍କର ରାଜନୈତିକ ହିଂସା: ୧୧ ମୃତ

**ନୂଆଦିଲ୍ଲୀ,୪।୨(ଏଜେନ୍ସି):** ବାଂଲାଦେଶରେ ଆଗାମୀ ଜାତୀୟ ନିର୍ବାଚନ ପୂର୍ବରୁ, ସାରା ଦେଶରେ ସୁରକ୍ଷା ପରିସ୍ଥିତି ଅତ୍ୟନ୍ତ ଆହ୍ୱାନମୂଳକ ତଥା ଚିନ୍ତାଜନକ ହୋଇପଡ଼ିଛି । ବାଂଲାଦେଶରେ ବୃଦ୍ଧି ପାଉଥିବା ରାଜନୈତିକ ହିଂସା ସାଧାରଣ ଜନତା ଓ ସୁରକ୍ଷା ଏଜେନ୍ସିଙ୍କ ଉପରେ ଚାପ ପକାଇବା ଆରମ୍ଭ କରିଛି । ମହମ୍ମଦ ୟୁନୁସଙ୍କ ନେତୃତ୍ୱାଧୀନ ମଧ୍ୟବର୍ତ୍ତୀକାଳୀନ ସରକାରଙ୍କ କାର୍ଯ୍ୟକାଳ ମଧ୍ୟରେ ନିର୍ବାଚନ ପୂର୍ବରୁ ଅଶାନ୍ତି ଯଥେଷ୍ଟ ବୃଦ୍ଧି ପାଇଛି। ମାନବାଧିକାର ସଂଗଠନଗୁଡ଼ିକ ରାଜନୈତିକ ଦଳଗୁଡ଼ିକ ମଧ୍ୟରେ ବଢୁଥିବା ଛକାପଞ୍ଝା ସ୍ଥିତି ସମ୍ପର୍କରେ ଚେତାବନୀ ଦେଇଛନ୍ତି । ସମସ୍ତଙ୍କୁ ଶାନ୍ତି ବଜାୟ ରଖିବା ପାଇଁ ଅପିଲ୍ କରାଯାଇଛି ।ଢାକାସ୍ଥିତ ମାନବାଧିକାର ସଂଗଠନ ଆଇନ୍ ଓ ସାଲିଶ୍ କେନ୍ଦ୍ରର ଏକ ସାମ୍ପ୍ରତିକ ରିପୋର୍ଟ ଦେଶର ବିପର୍ଯ୍ୟସ୍ତ ସୁରକ୍ଷା ପରିସ୍ଥିତିର ପର୍ଦ୍ଦାଫାସ୍ କରିଛି । ରିପୋର୍ଟ ଅନୁଯାୟୀ, ଜାନୁଆରି ମାସରେ ଦେଶର ବିଭିନ୍ନ ସ୍ଥାନରେ ୭୫ ପ୍ରମୁଖ ରାଜନୈତିକ ହିଂସା ଘଟଣା ରିପୋର୍ଟ ହୋଇଛି । ଏହି ହିଂସାତ୍ମକ ଘଟଣାରେ ଏପର୍ଯ୍ୟନ୍ତ ୧୧ ଜଣଙ୍କ ଜୀବନ ଯାଇଛି । ଏସବୁ ଘଟଣାରେ ୬୧୬ ଜଣ ଗୁରୁତର ଆହତ ହୋଇଛନ୍ତି । ଜାନୁଆରି ମାସରେ ହିଂସା ଡିସେମ୍ବର ୨୦୨୫ ତୁଳନାରେ ପ୍ରାୟ ଚାରିଗୁଣ ବୃଦ୍ଧି ପାଇଛି। ଡିସେମ୍ବରରେ କେବଳ ୧୮ ଘଟଣା ଘଟିଥିଲା। ସେଥିରେ ଚାରି ଜଣଙ୍କର ମୃତ୍ୟୁ ହୋଇଥିବାବେଳେ ୨୬୮ ଆହତ ହୋଇଥିଲେ। ଏହାସୂଚାଇ ଦେଉଛି ଯେ, ନିର୍ବାଚନ ତାରିଖ ପାଖେଇ ଆସିବା ସହିତ ଉତ୍ତେଜନା ବୃଦ୍ଧି ପାଉଛି । ଜାନୁଆରି ୨୨ ତାରିଖରେ ନିର୍ବାଚନ କମିସନ ସରକାରୀ କାର୍ଯ୍ୟସୂଚୀ ଘୋଷଣା କରିବା ପରଠାରୁ ହିଂସାତ୍ମକ ସଂଘର୍ଷର ବୃଦ୍ଧି ପାଇଛି । ରିପୋର୍ଟ ଅନୁସାରେ କେବଳ ଜାନୁଆରି ୨୧ ରୁ ୩୧ ତାରିଖ ମଧ୍ୟରେ ପୁଲିସ ଓ ରାଜନୈତିକ ଦଳଗୁଡ଼ିକ ମଧ୍ୟରେ ୪୯ ପୃଥକ ହିଂସାତ୍ମକ ସଂଘର୍ଷ ଘଟିଥିଲା । ଏହି ଦଶ ଦିନ ମଧ୍ୟରେ ଚାରି ଜଣଙ୍କର ଦୁଃଖଦ ମୃତ୍ୟୁ ହୋଇଥିବାବେଳେ ୪୧୪ ଜଣ ଗୁରୁତର ଆହତ ହୋଇଥିଲେ । ରାଜନୈତିକ ଅସ୍ଥିରତାର ନକାରାତ୍ମକ ପ୍ରଭାବ ଏବେ ଗଣତନ୍ତ୍ରର ଚତୁର୍ଥ ସ୍ତମ୍ଭ ଗଣମାଧ୍ୟମ କର୍ମୀ ଓ ସାମ୍ବାଦିକଙ୍କ ଉପରେ ସ୍ପଷ୍ଟ ଭାବରେ ଦୃଶ୍ୟମାନ ହେଉଛି । ଜାନୁଆରିରେ, ସାମ୍ବାଦିକମାନଙ୍କୁ ସେମାନଙ୍କର କର୍ତ୍ତବ୍ୟ ପାଳନ କରିବା ସମୟରେ ଆକ୍ରମଣରେ ବାଧା ଦେବାର ୧୬ ଘଟଣା ରିପୋର୍ଟ କରାଯାଇଥିଲା । ଡିସେମ୍ବର ତୁଳନାରେ ଏଥିରେ ଏକ ଗୁରୁତ୍ୱପୂର୍ଣ୍ଣ ବୃଦ୍ଧି ଘଟିଥିଲା । ଏଭଳି ଘଟଣା ଦେଶରେ ପ୍ରେସ୍ ସ୍ୱାଧୀନତାକୁ ବିପଦରେ ପକାଉଛି ।

# ଦିଲ୍ଲୀ ସରକାରଙ୍କୁ କେଜ୍ରିଓ୍ୱାଲଙ୍କ ଟାର୍ଗେଟ

**ନୂଆଦିଲ୍ଲୀ,୪।୨(ଏଜେନ୍ସି):** ଆମ ଆଦମୀ ପାର୍ଟିର ରାଷ୍ଟ୍ରୀୟ ସଂଯୋଜକ ଅରବିନ୍ଦ କେଜ୍ରିଓ୍ୱାଲ ରାଜଧାନୀ ଦିଲ୍ଲୀରେ ସୁରକ୍ଷା ପାଇଁ ଦିଲ୍ଲୀ ସରକାରଙ୍କୁ ସମାଲୋଚନା କରିଛନ୍ତି । କେଜ୍ରିଓ୍ୱାଲ କହିଛନ୍ତି ଯେ ଦିଲ୍ଲୀରେ ଚାରି ଇଞ୍ଜିନ ସରକାର ଥିଲେ ମଧ୍ୟ ସାଧାରଣ ନାଗରିକଙ୍କ ସୁରକ୍ଷା ଭଗବାନଙ୍କ ଦୟା ଉପରେ ଛାଡ଼ି ଦିଆଯାଇଛି । ଅରବିନ୍ଦ କେଜରିଓ୍ୱାଲ କହିଛନ୍ତି ଯେ ଦିଲ୍ଲୀରେ ମାତ୍ର ୧୫ ଦିନ ମଧ୍ୟରେ ୮୦୭ ଜଣ ଲୋକ ନିଖୋଜ ହୋଇଛନ୍ତି । ଏମାନଙ୍କ ମଧ୍ୟରୁ ଅଧିକାଂଶ ମହିଳା ଏବଂ ଶିଶୁୟ ଏହା ଏକ ଅତ୍ୟନ୍ତ ଭୟଙ୍କର ପରିସ୍ଥିତି । ଦିଲ୍ଲୀରେ କେବଳ ଅପରାଧିକ ଘଟଣା ବୃଦ୍ଧି ପାଉନାହିଁ, ବରଂ ବହୁ ସଂଖ୍ୟକ ଲୋକ ନିଖୋଜ ମଧ୍ୟ ହେଉଛନ୍ତ । ସେ କହିଥିଲେ ଯେ ଦିଲ୍ଲୀରେ ପ୍ରତିଦିନ ପ୍ରାୟ ୫୪ ଜଣ ଲୋକ ନିଖୋଜ ହେଉଛନ୍ତି । ଏହି ପରିସ୍ଥିତି ଅତ୍ୟନ୍ତ ଚିନ୍ତାଜନକ । ଆମ ଆଦମୀ ପାର୍ଟି ମଧ୍ୟ ଦିଲ୍ଲୀର ଲୋକମାନଙ୍କୁ ସତର୍କ ରହିବାକୁ ନିବେଦନ କରିଛି। ସେ ଏହା ମଧ୍ୟ ପ୍ରଶ୍ନ କରିଛନ୍ତି ଯେ ଦିଲ୍ଲୀରେ ପ୍ରତ୍ୟେକ ସ୍ତରରେ ବିଜେପି ସରକାରର ସମ୍ପୂର୍ଣ୍ଣ କ୍ଷମତା ଅଛି, ତଥାପି ଦିଲ୍ଲୀ ଏତେ ଅସୁରକ୍ଷିତ କାହିଁକି ?ଆମ ଆଦମୀ ପାର୍ଟି ଦିଲ୍ଲୀବାସୀଙ୍କୁ ସମ୍ପୂର୍ଣ୍ଣ ସତର୍କ ରହିବାକୁ ନିବେଦନ କରିଛି । ଦଳ କହିଛି ଯେ ଗତ ୧୫ ଦିନରେ ଜାତୀୟ ରାଜଧାନୀରେ ୮୦୦ରୁ ଅଧିକ ଲୋକ ନିଖୋଜ ହୋଇଛନ୍ତି ।ସେମାନଙ୍କ ମଧ୍ୟରୁ ଅଧିକାଂଶ ଝିଅ। ସରକାରଙ୍କ ଚାରୋଟି ଇଞ୍ଜିନ ଆପଣଙ୍କ ପିଲାମାନଙ୍କୁ ସୁରକ୍ଷା ଦେବାରେ ବିଫଳ ହୋଇଛି। ତେଣୁ, ନିଜର ଏବଂ ଆପଣଙ୍କ ପିଲାମାନଙ୍କର ଯତ୍ନ ନିଅନ୍ତୁ।

# ନେପାଳ ସରକାରଙ୍କ ବଡ଼ ନିଷ୍ପତ୍ତି: ବିବାଦୀୟ ସୋସିଆଲ ମିଡିଆ ବିଲ୍ ପ୍ରତ୍ୟାହାର

**ନୂଆଦିଲ୍ଲୀ,୪।୨(ଏଜେନ୍ସି):** ନେପାଳର ମଧ୍ୟବର୍ତ୍ତୀକାଳୀନ ସରକାର ଅଭିବ୍ୟକ୍ତିର ସ୍ୱାଧୀନତାକୁ ସୁରକ୍ଷା ଦେବା ପାଇଁ ଏକ ବଡ଼ ପଦକ୍ଷେପ ନେଇଛନ୍ତି। ସରକାର ସଂସଦରେ ବିଚାରାଧୀନ ବିବାଦୀୟ ସୋସିଆଲ ମିଡିଆ ବିଲ୍ ପ୍ରତ୍ୟାହାର କରିବାକୁ ନିଷ୍ପତ୍ତି ନେଇଛନ୍ତି। ଯାହା ଦେଶରେ ବ୍ୟାପକ ଜନଆକ୍ରୋଶ ସୃଷ୍ଟି କରିଥିଲା । ପୂର୍ବତନ ପ୍ରଧାନମନ୍ତ୍ରୀ କେ.ପି. ଶର୍ମା ଓଲିଙ୍କ ନେତୃତ୍ୱରେ ସରକାର ଏହି ବିଲ୍ ଆଗତ କରିଥିଲେ । ଯୁବପିଢ଼ି ଓ ନାଗରିକ ସମାଜ ଏହାକୁ କଡ଼ା ବିରୋଧ କରିଥିଲେ । ଏବେ ଜନଭାବନା ଓ ଗଣତାନ୍ତ୍ରିକ ମୂଲ୍ୟବୋଧକୁ ସମ୍ମାନ ଦେଇ, ସରକାର ଏହି ଆଇନକୁ ସମ୍ପୂର୍ଣ୍ଣ ଭାବରେ ପ୍ରତ୍ୟାହାର କରିବାକୁ ନିଷ୍ପତ୍ତି ନେଇଛନ୍ତି । ନେପାଳ ସାମ୍ବାଦିକ ମହାସଂଘ ଓ ଅନ୍ୟାନ୍ୟ ଡିଜିଟାଲ୍ ଅଧିକାର ଗୋଷ୍ଠୀ ଏହି ବିଲ୍କୁ ସମାଲୋଚନା କରିଥିଲେ । ଏହାର ବ୍ୟବସ୍ଥାଗୁଡ଼ିକୁ ଗଣତାନ୍ତ୍ରିକ ଢାଞ୍ଚା ବିରୋଧରେ ବୋଲି କହିଥିଲେ । ସେମାନେ ଯୁକ୍ତି ଦେଇଥିଲେ ଯେ, ଏହାଦ୍ୱାରା ସାମାଜିକ ଗଣମାଧ୍ୟମର ଅପବ୍ୟବହାର ନାମରେ ସାଧାରଣ ନାଗରିକ ଓ ସାମ୍ବାଦିକମାନଙ୍କୁ ସହଜରେ ଟାର୍ଗେଟ କରାଯାଇପାରିବ। ବ୍ୟାପକ ସମାଲୋଚନା ଓ ଜନସାଧାରଣଙ୍କ ଚାପ ଶେଷରେ ମଧ୍ୟବର୍ତ୍ତୀକାଳୀନ ସରକାର ବିବାଦୀୟ ଆଇନ ପ୍ରତ୍ୟାହାର କରିବାକୁ ବାଧ୍ୟ ହୋଇଛନ୍ତି । ନେପାଳର ଗୃହମନ୍ତ୍ରୀ ତଥା ସରକାରୀ ମୁଖପାତ୍ର ଓମ୍ ପ୍ରକାଶ ଆନୁଷ୍ଠାନିକ ଭାବରେ ଘୋଷଣା କରିଛନ୍ତି, କ୍ୟାବିନେଟ ସୋସିଆଲ ମିଡିଆ ବିଲ୍ ପ୍ରତ୍ୟାହାର କରିବାକୁ ନିଷ୍ପତ୍ତି ନେଇଛି । ଏହି ବିଲ୍ ଦୀର୍ଘ ସମୟ ଧରି ସଂସଦର ଉଚ୍ଚ ସଦନରେ ପଡ଼ିରହିଥିଲା । ଏଥିରେ ଅଭିବ୍ୟକ୍ତିର ସ୍ୱାଧୀନତାକୁ ପ୍ରତିବନ୍ଧିତ କରୁଥିବା ଅନେକ କଠୋର ବ୍ୟବସ୍ଥା ଥିଲା । ସରକାର ହୃଦୟଙ୍ଗମ କରିଛନ୍ତି ଯେ, ପୁରୁଣା ନିୟମାବଳୀ ସଂଶୋଧନ କରିବା ପରିବର୍ତ୍ତେ ବିଲ୍ ଉପରେ ପୁନର୍ବିଚାର କରିବା ଗଣତନ୍ତ୍ର ପାଇଁ ଅତ୍ୟନ୍ତ ଜରୁରୀ । ସେପ୍ଟେମ୍ବର ମାସରେ, ଜେନ୍-ଜି ଯୁବପିଢ଼ି ସୋସିଆଲ ମିଡିଆ ପ୍ଲାଟଫର୍ମ ଉପରେ ଓଲି ସରକାରଙ୍କ କଟକଣା ବିରୋଧରେ ବିଶାଳ ପ୍ରତିବାଦ ଆରମ୍ଭ କରିଥିଲେ। ଏହି ଆନ୍ଦୋଳନ ଏକ ବ୍ୟାପକ ଦୁର୍ନୀତି ବିରୋଧୀ ପ୍ରଦର୍ଶନରେ ପରିଣତ ହୋଇଥିଲା । ଏହା ତତ୍କାଳୀନ ଓଲି ସରକାରଙ୍କୁ କ୍ଷମତାରୁ ବାହାର କରିବାରେ ପ୍ରମୁଖ ଭୂମିକା ଗ୍ରହଣ କରିଥିଲା । ଯୁବପିଢ଼ି ଯୁକ୍ତି ଦେଇଥିଲେ, ସେମାନଙ୍କ ସ୍ୱରକୁ ଦମନ କରିବା ଓ ସେମାନଙ୍କର ଡିଜିଟାଲ୍ ଅଧିକାର ଉଲ୍ଲଂଘନ କରିବା ପାଇଁ ଜାଣିଶୁଣି ଏହି ବିଲ୍ ଆଗତ କରାଯାଇଛି। ଓଲି ସରକାର ଫେସବୁକ୍, ଇନଷ୍ଟାଗ୍ରାମ୍, ହ୍ୱାଟ୍ସଆପ୍, ୟୁଟ୍ୟୁବ୍, ଏକ୍ସ, ରେଡିଟ୍ ଓ ଲିଙ୍କଡିନ୍ ଭଳି ପ୍ରମୁଖ ପ୍ଲାଟଫର୍ମଗୁଡ଼ିକୁ ନିଷିଦ୍ଧ କରିଥିଲେ । ସରକାର ଯୁକ୍ତି ଦେଇଥିଲେ ଯେ, ଏହି କମ୍ପାନିଗୁଡ଼ିକ ନେପାଳରେ ନିଜକୁ ପଞ୍ଜୀକୃତ କରି ନାହାନ୍ତି। ତେଣୁ ନିୟମ ଅନୁଯାୟୀ ସେମାନଙ୍କୁ ନିଷିଦ୍ଧ କରାଯାଇଛି । ଜନସାଧାରଣ ଏହାକୁ ସୂଚନା ଅଧିକାର ଉପରେ ଆକ୍ରମଣ ବୋଲି ବିବେଚନା କରିଥିଲେ । ସରକାରଙ୍କ ନୀତିକୁ ସାରା ଦେଶରେ କଡ଼ା ନିନ୍ଦା କରାଯାଇଥିଲା। ବିଲରେ ନକଲି ପରିଚୟ ବ୍ୟବହାର କରି ଭୁଲ ସୂଚନା ପ୍ରସାରଣ କରୁଥିବା ଲୋକଙ୍କ ପାଇଁ ପାଞ୍ଚ ବର୍ଷ ପର୍ଯ୍ୟନ୍ତ ଜେଲ୍ ଦଣ୍ଡର ପ୍ରସ୍ତାବ ଦିଆଯାଇଥିଲା । ଏଥିରେ ଅପରାଧୀଙ୍କ ପାଇଁ ୧.୫ ମିଲିୟନ ନେପାଳୀ ଟଙ୍କା ପର୍ଯ୍ୟନ୍ତ କଠୋର ଜରିମାନା ମଧ୍ୟ ଅନ୍ତର୍ଭୁକ୍ତ ଥିଲାୟ ଡିଜିଟାଲ୍ ଅଧିକାର ସଂଗଠନଗୁଡ଼ିକ ଏହି ଦଣ୍ଡଗୁଡ଼ିକୁ ମାତ୍ରାଧିକ ଓ ଅଭିବ୍ୟକ୍ତି ସ୍ୱାଧୀନତାକୁ ଦମନ ବୋଲି ସମାଲୋଚନା କରିଥିଲେ ।

## ଭାରତ-ଆମେରିକା ରାଜିନାମା

# କୃଷି, ଦୁଗ୍ଧ କ୍ଷେତ୍ର ସୁରକ୍ଷିତ

**ନୂଆଦିଲ୍ଲୀ,୪।୨(ଏଜେନ୍ସି):** ବାଣିଜ୍ୟ ରାଜିନାମାକୁ ନେଇ ଖୁବ୍ଶୀଘ୍ର ଭାରତ ଓ ଆମେରିକା ମିଳିତ ବିବୃତ୍ତି ଜାରି କରିବେ ବୋଲି ଶିଳ୍ପ ଓ ବାଣିଜ୍ୟ ମନ୍ତ୍ରୀ ପୀୟୂଷ ଗୋୟଲ କହିଛନ୍ତି । ଗୋଟିଏ ପରେ ଗୋଟିଏ ବାଣିଜ୍ୟ ରାଜିନାମାକୁ ସଫଳ କରିବାରେ ପ୍ରମୁଖ ଭୂମିକା ନିର୍ବାହ କରିଥିବା ଗୋୟଲ ରାଜିନାମାକୁ ନେଇ ପ୍ରକାଶ ପାଇଥିବା ଆଶଙ୍କା ଉପରେ ମନ୍ତବ୍ୟ ଦେଇ କୃଷିଜାତ ଓ ଦୁଗ୍ଧଜାତ କ୍ଷେତ୍ରର ସ୍ୱାର୍ଥ ସୁରକ୍ଷିତ ଥିବା କହିଛନ୍ତି । ଆମେରିକା ସହ ରାଜିନାମା କରିଥିବା ଅଧିକାଂଶ ଦେଶଠାରୁ ଭାରତ ଭଲ ଡିଲ୍ ପାଇଥିବା ସେ ଜଣାଇଛନ୍ତି। ଏକ ସାମ୍ବାଦିକ ସମ୍ମିଳନୀକୁ ସମ୍ବୋଧିତ କରି ସେ କହିଲେ, ପାଲଟା ଶୁଳ୍କ ଆମର ଅନେକ କ୍ଷେତ୍ରକୁ ପ୍ରଭାବିତ କରିଥିଲା। ଆମେ ମାସ ମାସ ଧରି ଆଲୋଚନା ଜାରି ରଖିଥିଲୁ। ଆମ ଶିଳ୍ପ ଜଗତଠାରୁ ଆରମ୍ଭ କରି କୃଷି, ସାମୁଦ୍ରିକ ଉତ୍ପାଦ ଓ ବୟନ କ୍ଷେତ୍ର ଆଦି ଚାପରେ ଥିଲେ । ଶେଷରେ ଭାରତ ନିଜ ପ୍ରତିଦ୍ୱନ୍ଦ୍ୱୀ ଦେଶଗୁଡ଼ିକ ତୁଳନାରେ ଭଲ ଫଳ ହାସଲ କରିଛି । ଆମେରିକା ସହ ହେବାକୁ ଯାଉଥିବା ରାଜିନାମା ଦ୍ୱାରା ଏମ୍ଏସ୍ଏମ୍ଇ, ଏସ୍ଏମ୍ଇ, ଇଞ୍ଜିନିୟରିଂ ନିର୍ମାଣ, ବୟନ ଓ ସାମୁଦ୍ରିକ କ୍ଷେତ୍ର ଉପକୃତ ହେବ। ଏହା କମ୍ପାନିଗୁଡ଼ିକ ପାଇଁ ଅନେକ ସୁଯୋଗ ସୃଷ୍ଟି କରିବ। ଗତକାଲି ରାତିରେ ରାଜିନାମା ଚୂଡ଼ାନ୍ତ ହୋଇଥିଲା ବୋଲି ସେ କହିଛନ୍ତି । ଏଥିପାଇଁ ସବୁ ଶ୍ରେୟ ସେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କୁ ଦେଇଛନ୍ତି । ଏହି ରାଜିନାମାକୁ ଦୀର୍ଘଦିନ ଧରି ଲୋକମାନେ ଅପେକ୍ଷା କରିଥିଲେ। ଲୋକଙ୍କ ସ୍ୱାର୍ଥ ରକ୍ଷା ପାଇଁ ରାଜିନାମା ହୋଇଛି ।

# ରଭନୀତଙ୍କୁ ବିଶ୍ୱାସଘାତକ କହିଲେ ରାହୁଲ ଗାନ୍ଧୀ

**ନୂଆଦିଲ୍ଲୀ,୪।୨(ଏଜେନ୍ସି):** ସଂସଦର ବଜେଟ ଅଧିବେଶନ ସମୟରେ ଦେଖିବାକୁ ମିଳିଲା ରାଜନୈତିକ ଉଷ୍ମତା। ବିରୋଧୀ ଦଳ ନେତା ରାହୁଲ ଗାନ୍ଧୀ ଏବଂ କେନ୍ଦ୍ରମନ୍ତ୍ରୀ ରଭନୀତ ସିଂହ ବିଟ୍ଟୁ ଲୋକସଭାରେ ମୁହାଁମୁହିଁ ହୋଇଥିଲେ । ସଂସଦ ପରିସରରେ କ୍ୟାମେରାରେ କଏଦ ହୋଇଥିବା ଏହି ସମ୍ପୂର୍ଣ୍ଣ ଘଟଣା ରାଜନୈତିକ ମହଲରେ ଚର୍ଚ୍ଚା ସୃଷ୍ଟି କରିଛି ।କଂଗ୍ରେସ ସାଂସଦଙ୍କ ବିରୋଧ ମଧ୍ୟରେ ରାହୁଲ ଗାନ୍ଧୀ ସଂସଦରେ ପହଞ୍ଚି ନିଲମ୍ବିତ ସାଂସଦମାନଙ୍କୁ ସମର୍ଥନ କରୁଥିବା ଦେଖାଯାଇଥିଲା ।ଏହି ସମୟରେ, କେନ୍ଦ୍ର ରାଷ୍ଟ୍ରମନ୍ତ୍ରୀ ରଭନୀତ ସିଂହ ବିଟ୍ଟୁ ସେହି ରାସ୍ତା ଦେଇ ଯାଉଥିବା ସମୟରେ ଦୁଇ ନେତାଙ୍କ ମଧ୍ୟରେ କଥା କଟାକଟି ହୋଇଥିଲା । ଜାତୀୟ ଗଣମାଧ୍ୟମର ସୂଚନା ଅନୁଯାୟୀ, ରଭନୀତ ସିଂହ ବିଟ୍ଟୁ ପ୍ରତିବାଦ କରୁଥିବା କଂଗ୍ରେସ ସାଂସଦଙ୍କ ପାଖ ଦେଇ ଯିବା ସମୟରେ, ରାହୁଲ ଗାନ୍ଧୀ ତାଙ୍କୁ ଇଙ୍ଗିତ କରି ଏକ ମନ୍ତବ୍ୟ ଦେଇଥିଲେ । ରାହୁଲ ଗାନ୍ଧୀ କହିଥିଲେ, ଇଏ ହେଉଛନ୍ତି ବିଶ୍ୱାସଘାତକ, ତାଙ୍କ ମୁହଁ ଦେଖନ୍ତୁ। ଏହା ବ୍ୟତୀତ, ତାଙ୍କ ସହିତ ହାତ ମିଳାଇବାକୁ ଚେଷ୍ଟା କରିବା ସମୟରେ ରାହୁଲ ଗାନ୍ଧୀ କହିଥିଲେ, ହେଲୋ ଭାଇ, ମୋର ବିଶ୍ୱାସଘାତକ ବନ୍ଧୁ... ଚିନ୍ତା କରନାହିଁ, ତୁମେ କଂଗ୍ରେସକୁ ଫେରି ଆସିବ । ରାହୁଲ ଗାନ୍ଧୀଙ୍କ ଏହି ମନ୍ତବ୍ୟ ପରିବେଶକୁ ଆହୁରି ଉଷ୍ମ କରିଦେଇଥିଲା। ରାହୁଲ ଗାନ୍ଧୀଙ୍କ ମନ୍ତବ୍ୟ ଉପରେ ରଭନୀତ ସିଂହ ବିଟ୍ଟୁ ମଧ୍ୟ ତୁରନ୍ତ ପ୍ରତିକ୍ରିୟା ଦେଇଥିଲେ। ସେ ରାହୁଲ ଗାନ୍ଧୀଙ୍କ ସହ ହାତ ମିଳାଇବାକୁ ମନା କରିଦେଇ କଡ଼ା ଭାଷାରେ କହିଥିଲେ, ତୁମେ ହେଉଛ ଦେଶର ଶତ୍ରୁ... ଏହିଭଳି ଢଙ୍ଗରେ ଦୁଇ ନେତାଙ୍କ ମଧ୍ୟରେ କଥା କଟାକଟି ହୋଇଥିଲା । ଏହି ସମ୍ପୂର୍ଣ୍ଣ ଘଟଣା ସଂସଦ ଭିତରେ ଏବଂ ବାହାରେ ରାଜନୈତିକ ପରିବେଶକୁ ଉଷ୍ମ କରିଦେଇଛି ।



## ଟାଫେ଼ସାରା ଭାରତରେ କୃଷିକ୍ଷେତ୍ରରେ ନୂତନତା ଆବିଷ୍କାର କରିବା ପାଇଁ 'ମାସିଡା ଏନାଷ୍ଟାର ପ୍ରତିଯୋଗିତା' ସିଜିନ୍ ୩ ଆରମ୍ଭ

**ନୂଆଦିଲ୍ଲୀ, ୪।୨ (ନି.ପ୍ର) :** ତୃଣମୂଳସ୍ତରର ଉତ୍କର୍ଷତା ଏବଂ ଗ୍ରାମୀଣ ଉଦ୍ୟୋଗକୁ ପାଳନ କରୁଥିବା ଦୁଇଟି ଅତ୍ୟନ୍ତ ସଫଳ ଋତୁ ଉପରେ ନିର୍ମାଣ କରି, ଟାଫେ - ଟ୍ରାକ୍ଟର ଏବଂ ଫାର୍ମ ଇକ୍ୟୁପମେଣ୍ଟ ଲିମିଟେଡ୍, ବିଶ୍ୱର ସର୍ବବୃହତ ଟ୍ରାକ୍ଟର ନିର୍ମାତାମାନଙ୍କ ମଧ୍ୟରୁ ଗୋଟିଏ ଓ ଭାରତର ପ୍ରତିଷ୍ଠିତ ମାସିଫର୍ଗୁସନଟ୍ରାକ୍ଟରର ନିର୍ମାତା, ଆଜି 'ମାସିଡାଏନାଷ୍ଟାରପ୍ରତିଯୋଗିତା ୨୦୨୬ - ସବ୍ସେବଡ଼େ ଅଲରାଉଣ୍ଡର କିତଲାସ୍' ର ସିଜିନ୍ ୩ ଆରମ୍ଭ କରିବାସମ୍ପର୍କରେ ଘୋଷଣା କରିଛି।

ଟାଫେର ମାସିଡାଏନାଷ୍ଟାରସିଜିନ୍ ୩, ଏପର୍ଯ୍ୟନ୍ତ ସବୁଠାରୁ ବଡ ସଂସ୍କରଣ, ଋଷୀ, ଉଦ୍ୟୋଗୀ, ଛାତ୍ର, ଷ୍ଟାର୍ଟଅପ୍ ଏବଂ ଗ୍ରାମୀଣ ପରିବର୍ତ୍ତନକାରୀଙ୍କୁ ସଶକ୍ତ କରିବା ପାଇଁ ଡିଜାଇନ୍ କରାଯାଇଥିବା ଏକ ଜାତୀୟ ନବସୃଜନ ପ୍ଲାଟଫର୍ମ ଭାବରେ କଳ୍ପନା କରାଯାଇଛି। କୃଷି ଏବଂ ଗ୍ରାମୀଣ ଉଦ୍ୟୋଗରେ ନୂତନ ଚିନ୍ତାଧାରାକୁ ଚିହ୍ନଟ ଏବଂ ପୋଷଣ କରିବାରେ ଏହାର ପ୍ରଗତିଶୀଳ ଆଭିମୁଖ୍ୟ ପାଇଁ ପାଳିତ, ମାସିଡାଏନାଷ୍ଟାରପ୍ରତିଯୋଗିତା ଋଷୀ, ଉଦ୍ୟୋଗୀ, ଛାତ୍ର, ଶିକ୍ଷାବିତ୍ ଏବଂ ନବସୃଜନକାରୀଙ୍କ ପାଇଁ ଏକ ଅନଲାଇନ୍ ପ୍ଲାଟଫର୍ମ ଭାବରେ କାର୍ଯ୍ୟ କରେ ଯାହା ମାସି ଫର୍ଗୁସନ୍ ଟ୍ରାକ୍ଟର ବ୍ୟବହାର କରି ଅର୍ଥପୂର୍ଣ୍ଣ ପ୍ରଭାବ ସୃଷ୍ଟି କରିପାରିବ। ସିଜିନ୍ ୩ ଯେକୌଣସି ମାସି ଫର୍ଗୁସନ୍ ଟ୍ରାକ୍ଟର ଦ୍ୱାରା ପରିଚାଳିତ ଚିନ୍ତାଧାରାକୁ ଆମନ୍ତ୍ରଣ କରି ଏହାର ପରିସରକୁ ବିସ୍ତାର କରେ ଯାହା କୃଷି, ଆନୁସଙ୍ଗିକ କ୍ଷେତ୍ର ଏବଂ ଗ୍ରାମୀଣ ଉଦ୍ୟୋଗଗୁଡ଼ିକରେ ଅସୀମ ସମ୍ଭାବନାକୁ ଅନଲକ୍ କରିଥାଏ, ଆକର୍ଷଣୀୟ ପୁରସ୍କାର ଏବଂ ଅଂଶଗ୍ରହଣକାରୀମାନଙ୍କୁ ଜାତୀୟ ସ୍ତରରେ ସେମାନଙ୍କର ସୃଜନଶୀଳତା ପ୍ରଦର୍ଶନ କରିବା ପାଇଁ ଅଧିକ ସୁଯୋଗ ପ୍ରଦାନ କରିଥାଏ। ସଂକ୍ଷିପ୍ତ ତାଲିକାଭୁକ୍ତ ଅଂଶଗ୍ରହଣକାରୀମାନେ ଜାତୀୟ ସ୍ୱୀକୃତି ଏବଂ ଟାଫେର ଶିଳ୍ପ ବିଶେଷଜ୍ଞ ଏବଂ ବରିଷ୍ଠ ନେତାମାନଙ୍କୁ ନେଇ ଗଠିତ ଏକ ବିଶେଷଜ୍ଞ ଜୁରି ସମ୍ମୁଖରେ ସେମାନଙ୍କର ଧାରଣା ଉପସ୍ଥାପନ କରିବାର ସୁଯୋଗ ପାଇବେ। ମାସିଡାଏନାଷ୍ଟାରସିଜିନ୍ ୩ ର ବିଜେତା



ପ୍ରାୟ ଟ. ୮.୨ ଲକ୍ଷ ମୂଲ୍ୟର ଏକ ମାସି ଫର୍ଗୁସନ୍ ୨୫୪ ଡାଏନାସ୍ମାର୍ଟଟ୍ରାକ୍ଟର ଜିତିବେ, ଯାହା କାର୍ଯ୍ୟଦକ୍ଷତା, ବହୁମୁଖୀତା ଏବଂ ଡିଜାଇନ୍ ପାଇଁ ପ୍ରସିଦ୍ଧ।

ଅଂଶଗ୍ରହଣକାରୀମାନେ ଅନଲାଇନ୍ ରେ ପଞ୍ଜୀକରଣ କରିପାରିବେ ଏବଂ ସେମାନଙ୍କର ଆଇଡିଆ। ଭିଡିଓ କିମ୍ବା ଟେକ୍ସଟ୍ ଫର୍ମାଟରେ, ଇଂରାଜୀ କିମ୍ବା ଯେକୌଣସି ଭାରତୀୟ ଆଞ୍ଚଳିକ ଭାଷାରେ ଦାଖଲ କରିପାରିବେ। ପ୍ରତ୍ୟେକ ଦାଖଲରେ ଏକ ମାସି ଫର୍ଗୁସନ୍ ଟ୍ରାକ୍ଟରର ବ୍ୟବହାରିକ ଏବଂ ସମ୍ଭାବ୍ୟ ପ୍ରୟୋଗ ପ୍ରଦର୍ଶନ କରିବାକୁ ପଡିବ ଯାହା କୃଷି ପଦ୍ଧତିକୁ ବୃଦ୍ଧି କରେ, ନୂତନ ବ୍ୟବସାୟିକ ସୁଯୋଗକୁ ସକ୍ଷମ କରେ, କିମ୍ବା ସକାରାତ୍ମକ ସାମାଜିକ ଏବଂ ଆର୍ଥିକ ପରିବର୍ତ୍ତନ ଆଣେ। ସଂକ୍ଷିପ୍ତ ତାଲିକାଭୁକ୍ତ ଫାଇନାଲିଷ୍ଟ ମାନଙ୍କୁ ଏକ ଗ୍ରାଣ୍ଡ ଫିନାଲେ ଇଭେଣ୍ଟରେ ଜୁରିଙ୍କ ସମ୍ମୁଖରେ ସେମାନଙ୍କର ସମାଧାନ ଉପସ୍ଥାପନ କରିବାକୁ ନିମନ୍ତ୍ରଣ କରାଯିବ ଯେଉଁଠାରେ ସବୁଠାରୁ ଉତ୍କୃଷ୍ଟଉଦ୍ଭାବନ ଏବଂ ପ୍ରଭାବଶାଳୀ ଧାରଣାଗୁଡ଼ିକୁ ସ୍ୱୀକୃତି ଏବଂ ପୁରସ୍କୃତ କରାଯିବ। ପ୍ରତିଯୋଗିତା ୧୮ ବର୍ଷରୁ ଅଧିକ ବୟସର ଭାରତୀୟ ନାଗରିକଙ୍କ ପାଇଁ ଖୋଲାରହିଛି। ଦେଶ ସାରା ଅଂଶଗ୍ରହଣକାରୀ ମାନେ ଅନଲାଇନରେ ସେମାନଙ୍କର ପ୍ରବେଶ ପଞ୍ଜିକରଣ ଏବଂ ଦାଖଲ କରିପାରିବେ। ଅଧିକ ବିବରଣୀ, ପଞ୍ଜିକରଣ ଏବଂ ସମ୍ପୂର୍ଣ୍ଣ ନିୟମ ଏବଂ ସର୍ତ୍ତାବଳୀ ପାଇଁ, https://masseyfergusonindia.com/DYNASTAR/season-3/ ପରିଦର୍ଶନ କରନ୍ତୁ। ଭାରତ ଆଧୁନିକ କୃଷି, ସ୍ଥାୟୀତ୍ୱ ଏବଂ ଅନ୍ତର୍ଭୁକ୍ତିମୂଳକ ଅଭିବୃଦ୍ଧି ଦ୍ୱାରା ଆକୃତିପ୍ରାପ୍ତ ଭବିଷ୍ୟତ ଆଡ଼କୁ ଗତି କରୁଥିବାରୁ, ମାସିଫର୍ଗୁସନସିଜନ୍ ୩ ପ୍ରତ୍ୟେକ ଉଦ୍ଭାବକଙ୍କ ପାଇଁ ଏକ ଆହ୍ୱାନ ଭାବରେ ଠିଅ। ହୋଇଛି ଯାହାଙ୍କ ଧାରଣା ଆଗାମୀ ଦିନରେ ଆଗକୁ ବଢିବାରେସହାୟକହେବ। ଏକ ବ୍ୟାପକ ଦୃଷ୍ଟିକୋଣ, ବ୍ୟାପକ ଅଂଶଗ୍ରହଣ ଏବଂ ଅଧିକ ପୁରସ୍କାର ସହିତ, ଏହି ନୂତନ ସିଜନ୍ ଏପର୍ଯ୍ୟନ୍ତ ସବୁଠାରୁ ମହାନ ଉତ୍ସବ ହେବାର ପ୍ରତିଶ୍ରୁତି ଦିଏ ଏବଂ ଗ୍ରାମାଞ୍ଚଳରେ କୃଷି ଉଦ୍ୟୋଗକୁ ପୋଷଣ ଏବଂ ପରିବର୍ତ୍ତନକାରୀଙ୍କୁ ସଶକ୍ତ କରିବା ପାଇଁ ଟାଫେର ଦୀର୍ଘକାଳୀନ ପ୍ରତିବଦ୍ଧତାକୁ ଦୃଢ଼ ଭାବରେ ପୁନଃନିର୍ଦ୍ଧାରିତ କରେ।

## ହୋଣ୍ଡା ମୋଟରସାଇକଲ୍ ଆଣ୍ଡ୍ ସ୍କୁଟର ଇଣ୍ଡିଆ ପକ୍ଷରୁ ବୋଲ୍ଡ ନୂଆ ଡିଓ ୧୨୫ ଏକ୍ସ-ଏଡିସନ୍ ସହିତ ସ୍ୱଚ୍ଛ ଓ ଆକର୍ଷଣୀୟ ଶାଇନ୍ ୧୨୫ ଲିମିଟେଡ୍ ଏଡିସନ୍ ଉନ୍ମୋଚିତ

**ନୂଆଦିଲ୍ଲୀ, ୪।୨ (ନି.ପ୍ର):** ହୋଣ୍ଡା ମୋଟରସାଇକଲ୍ ଆଣ୍ଡ୍ ସ୍କୁଟର ଇଣ୍ଡିଆ ଲିମିଟେଡ୍ (ଏଚଏମଏସଆଇ) ପକ୍ଷରୁ ଆଜି ଦୁଇଟି ନୂଆ ଉତ୍ପାଦ ଡିଓ ୧୨୫ ଏକ୍ସ-ଏଡିସନ୍, ମୂଲ୍ୟ ୮୭,୭୩୩ ଟଙ୍କା ଓ ଶାଇନ୍ ୧୨୫ ଲିମିଟେଡ୍ ଏଡିସନ୍, ମୂଲ୍ୟ ୮୬,୨୧୧ ଟଙ୍କା (ଦିଲ୍ଲୀ-ଏକ୍ସସୋ'ରୁମ୍) କୁ ଉନ୍ମୋଚନ କରାଯାଇଛି। ଆଜିକାଲିର ଉଦୀୟମାନ ଚାଳକଙ୍କ ପାଇଁ ପ୍ରସ୍ତୁତ କରାଯାଇଥିବା ଉଭୟ ସ୍ୱତନ୍ତ୍ର ଏଡିସନ୍‌ର ଗାଡ଼ି ସତେଜ ପରିଚୟ, ଆକର୍ଷଣୀୟ ନୂଆ ଗ୍ରାଫିକ୍ସ ଓ ପ୍ରିମିୟମ ଡିଜାଇନ ଉନ୍ନତି ସହ ଆସିଛି ଯାହା ଦ୍ରୁତ ଅଭିବୃଦ୍ଧିଶୀଳ ଭାରତୀୟ ଦୁଇଚକିଆ ଯାନ ବଜାରରେ ସେମାନଙ୍କ ଉପସ୍ଥିତିରେ ଉନ୍ନତି ଆଣିବ। ନୂଆ ସ୍ୱତନ୍ତ୍ର ଏଡିସନ ଉନ୍ମୋଚନ କରି ହୋଣ୍ଡା ମୋଟରସାଇକଲ୍ ଆଣ୍ଡ୍ ସ୍କୁଟର ଇଣ୍ଡିଆର ପରିଚାଳନା ନିର୍ଦ୍ଦେଶକ, ସଭାପତି ଓ ସିଇଓ ଶ୍ରୀ ସୁଟସୁମୁ ଓଟାନି କହିଛନ୍ତି ଯେ, 'ହୋଣ୍ଡାରେ ଆମେ ସର୍ବଦା ଏଭଳି ଉତ୍ପାଦ ଆଣିବାକୁ ଉଦ୍ୟମ କରୁଛୁ ଯାହା ଭାରତର ନୂଆ ପିଢ଼ିର ଚାଳକଙ୍କ ଆକାଂକ୍ଷା ସହ ଖାପଖାଉଥିବ। ସମ୍ପୂର୍ଣ୍ଣ ନୂଆ ଡିଓ ୧୨୫ ଏକ୍ସ ଏଡିସନ ଓ ଶାଇନ୍ ୧୨୫ ଲିମିଟେଡ ଏଡିସନ ଷ୍ଟାଇଲର ନୂଆ ପରିପ୍ରକାଶ ପାଇଁ ଆମର ରହିଥିବା ପ୍ରତିବଦ୍ଧତାକୁ ପ୍ରତିଫଳିତ



କରୁଥିବା ବେଳେ ହୋଣ୍ଡାରୁ ଗ୍ରାହକମାନେ ଆଶା କରୁଥିବା ଭରସାଯୋଗ୍ୟତା ଓ ବିଶ୍ୱାସକୁ ବଜାୟ ରଖିଛି। ଏହି ଲିମିଟେଡ୍ ଏଡିସନ୍‌ରେ ପ୍ରତିକ୍ରିୟାଶୀଳ ଡିଜାଇନ ସହିତ ହୋଣ୍ଡାର ବିଶ୍ୱସନୀୟ ଗୁଣାତ୍ମକ ମାନ ରହିଛି ଯାହା ପ୍ରତିଟି ରାଇଡ୍‌କୁ ବିଶ୍ୱସନୀୟ ଓ ନିରବଚ୍ଛିନ୍ନ କରିବ।'' ହୋଣ୍ଡା ମୋଟରସାଇକଲ୍ ଆଣ୍ଡ୍ ସ୍କୁଟର ଇଣ୍ଡିଆ ଲିମିଟେଡ୍‌ର ନିର୍ଦ୍ଦେଶକ-ବିକ୍ରି ଓ ମାର୍କେଟିଂ ଶ୍ରୀ ଯୋଗେଶ ମାଥୁର କହିଛନ୍ତି ଯେ, 'ହୋଣ୍ଡାର ନିଜସ୍ୱ ଜେନ-ଜେଡ୍ ଡିଜାଇନ ଟିମ୍ ଦ୍ୱାରା ବିକାଶ କରାଯାଇଥିବା ଡିଓ ୧୨୫ ଏକ୍ସ-ଏଡିସନ ଏକ ଶକ୍ତିଶାଳୀ ଓ ଯୁବସୁଲଭ ଶକ୍ତିକୁ ଆକାର ପ୍ରଦାନ କରିଛି ଯାହାକୁ ଆଜିର ଯୁବ ଚାଳକଙ୍କ ବ୍ୟକ୍ତିତ୍ୱକୁ ପ୍ରତିଫଳିତ କରିବାକୁ ଗଠନ କରାଯାଇଛି। ଶାଇନ୍ ୧୨୫ ଲିମିଟେଡ୍ ଏଡିସନ ଏକ ସ୍ୱଚ୍ଛ ଓ ଅସୀମ ଡିଜାଇନ ଦର୍ଶନକୁ ଗ୍ରହଣ କରିଛି ଯାହା ମୋଟରସାଇକଲ୍‌ର ସ୍ପଷ୍ଟ ଢାଂଚାଗତ ଆକାର ଏବଂ ଉନ୍ନତିର ଭାବ ଉପରେ ଆଲୋକପାତ କରୁଛି। ଏହି ନୂଆ ଏଡିସନନ୍ ସହିତ ଆମେ ଚାଳକମାନଙ୍କୁ ଷ୍ଟାଇଲ, ଆରାମ ଓ ନୀତିଦିନିଆ ପ୍ରତିଶ୍ରୁତିର ଏକ ମିଶ୍ରଣ ପ୍ରଦାନ କରିବା ଏବଂ ସଡ଼କରେ ସେମାନଙ୍କୁ ପରିପ୍ରକାଶ କରିବାର ବିଶ୍ୱାସ ପ୍ରଦାନ କରିବାକୁ ଲକ୍ଷ୍ୟ ରଖିଛୁ। ଉଭୟ ମଡେଲ୍ ହୋଣ୍ଡା ଦେଉଥିବା ଗୁରୁତ୍ୱ ଚିନ୍ତାଶୀଳ ଡିଜାଇନ ଓ ଗାଡ଼ିଚାଳନା ଅନୁଭୂତି ଉପରେ ପର୍ଯ୍ୟବେସିତ ରହିଛି ଯାହା ସୁରକ୍ଷିତ।

## ଆଗାମୀ ଦୁଇରୁ ତିନି ଦଶନ୍ଧି ମଧ୍ୟରେ ଭାରତ ୩୦ ଟ୍ରିଲିୟନ ଡଲାର ଅର୍ଥନୀତିରେ ପରିଣତ ହେବ : ମୁକେଶ ଅମ୍ବାନୀ

**ମୁମ୍ବାଇ, ୪।୨ (ନି.ପ୍ର):** ରିଲାଏନ୍ସ ଇଣ୍ଡଷ୍ଟ୍ରିଜ୍ ଲିମିଟେଡର ଅଧ୍ୟକ୍ଷ ଏବଂ ପରିଚାଳନା ନିର୍ଦ୍ଦେଶକ ମୁକେଶ ଡି. ଅମ୍ବାନୀ କହିଛନ୍ତି ଯେ ଆଗାମୀ ୨୦-୩୦ ବର୍ଷ ମଧ୍ୟରେ ଭାରତ ୨୫ ରୁ ୩୦ ଟ୍ରିଲିୟନ ଡଲାରର ଅର୍ଥନୀତି ହେବାର ସମ୍ଭାବନା ରଖିଛି ଏବଂ ଏହି ସମୟ ଦେଶର ଯୁବ ପିଢ଼ି ପାଇଁ ଏକ ବଡ଼ ନିବେଶ ସୁଯୋଗ ହେବ। ମୁମ୍ବାଇରେ ଅନୁଷ୍ଠିତ ଜିଓ-ବ୍ଲାକରକ୍ କାର୍ଯ୍ୟକ୍ରମ 'ଇନଭେଷ୍ଟିଂ ଫର୍ ଏ ନ୍ୟୁ ଏରା'ରେ ବ୍ଲାକରକ୍ ସିଇଓ ଲାରି ଫିଙ୍କଙ୍କ ସହିତ ଏକ ଫାୟାରସାଇଡ ଆଲୋଚନାରେ, ଅମ୍ବାନୀ ଭାରତର ବିକାଶ ଯାତ୍ରାର ଏକ ସ୍ପଷ୍ଟ ରୋଡମ୍ୟାପ୍ ଉପସ୍ଥାପନ କରିଥିଲେ। ଜିଓବ୍ଲାକରକ୍ ଇଭେଣ୍ଟରେ, ମୁକେଶ ଅମ୍ବାନୀ କହିଛନ୍ତି ଯେ ଭାରତ ପାରମ୍ପରିକ ଭାବରେ ସଞ୍ଚୟର ଦେଶ ରହିଛି, କିନ୍ତୁ ବର୍ତ୍ତମାନ ନିବେଶ କରି ଦେଶର ପ୍ରଗତିରୁ ଲାଭ ଉଠାଇବାର ସମୟ ଆସିଛି। ସଞ୍ଚୟକୁ ନିବେଶରେ ପରିଣତ କରାଯିବା ଉଚିତ। ପୁଁ ବଜାରରେ ସଞ୍ଚୟ ଅର୍ଥ ନିବେଶ କରିବା ଦ୍ୱାରା କେବଳ ପରିବାରର ସମ୍ପତ୍ତି ବୃଦ୍ଧି ହେବ ନାହିଁ ବରଂ ଦେଶର ଆର୍ଥିକ ଅଭିବୃଦ୍ଧି ମଧ୍ୟ ତ୍ୱରାନ୍ୱିତ ହେବ। ଲାରି ଫିଙ୍କ୍ ମଧ୍ୟ ଏହି ବିଚାରକୁ ସମର୍ଥନ



କରି କହିଥିଲେ ଯେ ଭାରତ ଭଳି ଦ୍ରୁତ ଅଭିବୃଦ୍ଧିଶୀଳ ଦେଶରେ ଦୀର୍ଘକାଳୀନ ଇକ୍ୱିଟି ନିବେଶ ସମ୍ପତ୍ତି ସୃଷ୍ଟିର ସବୁଠାରୁ ପ୍ରଭାବଶାଳୀ ମାଧ୍ୟମ ହୋଇପାରିବ। ଅମ୍ବାନୀ କହିଥିଲେ ଯେ ଭାରତର ଅଭିବୃଦ୍ଧିର ମୂଳରେ ରହିଛି ମଜଭୁତ ନୀତି, ରାଜନୈତିକ ସ୍ଥିରତା, ବଡ଼ ଧରଣର ଭିତ୍ତିଭୂମି ନିର୍ମାଣ ଏବଂ ଡିଜିଟାଲ୍ କ୍ରାନ୍ତି। ୫ଜି, ଡିଜିଟାଲ୍ ଇଣ୍ଡିଆ ଏବଂ ପୁଁ ବଜାରର ବିସ୍ତାର ବଳରେ ଭାରତ ଦୀର୍ଘକାଳୀନ ନିବେଶ ପାଇଁ ଏକ ଆକର୍ଷକ କେନ୍ଦ୍ର ଭାବେ ଉଭା ହୋଇଛି। କୃତ୍ରିମ ବୁଦ୍ଧିମତ୍ତା ଉପରେ ଗୁରୁତ୍ୱାରୋପ କରି ଅମ୍ବାନୀ କହିଛନ୍ତି ଯେ ଆର୍ଟିଫିସିଆଲ ଇଣ୍ଟେଲିଜେନ୍ସ (ଏଆଇ) ଶିକ୍ଷା ଏବଂ ସ୍ୱାସ୍ଥ୍ୟସେବା କ୍ଷେତ୍ରରେ ଅଭୂତପୂର୍ବ ପରିବର୍ତ୍ତନ ଆଣିପାରିବ। ସେ କହିଛନ୍ତି ଯେ ଏଆଇ ମାଧ୍ୟମରେ ୧୪୦ କୋଟି ଲୋକଙ୍କ ପାଇଁ ଉଚ୍ଚମାନର ଶିକ୍ଷା, ଉନ୍ନତ ସ୍ୱାସ୍ଥ୍ୟସେବା ଏବଂ ପ୍ରଭାବଶାଳୀ ସାର୍ବଜନୀନ ସେବା ସୁଲଭ ଏବଂ ସୁଗମ କରାଯାଇପାରିବ। କାର୍ଯ୍ୟକ୍ରମରେ, ବ୍ଲାକରକ୍ ସିଇଓ ଲାରି ଫିଙ୍କ୍ ଭାରତକୁ 'ଭାରତର ଯୁଗନ୍ତ ଭାବରେ ବର୍ଣ୍ଣନା କରିଥିଲେ, ଯାହାକୁ ନେଇ ଅମ୍ବାନୀ କହିଥିଲେ ଯେ ଯେଉଁମାନେ ଭାରତର ଦୀର୍ଘକାଳୀନ ଅଭିବୃଦ୍ଧିରେ ବିଶ୍ୱାସ କରିବେ ସେମାନେ ଆଗାମୀ ଦଶନ୍ଧିଗୁଡ଼ିକରେ ସବୁଠାରୁ ଅଧିକ ଲାଭ ପାଇବେ।

## ବୋଇଂ ୟୁନିଭର୍ସିଟି ଇନୋଭେସନ୍ ଲିଡରଶିପ୍ ଡିଭେଲପମେଣ୍ଟ (BUILD) କାର୍ଯ୍ୟକ୍ରମ ପାଇଁ ଆବେଦନ ଆହ୍ୱାନ

**ନୂଆଦିଲ୍ଲୀ, ୪।୨ (ନି.ପ୍ର):** ବୋଇଂ (NYSE: BA) ଆଜି ତାର ବୋଇଂ ୟୁନିଭର୍ସିଟି ଇନୋଭେସନ୍ ଲିଡର୍ଶିପ୍ ଡିଭେଲପମେଣ୍ଟ (BUILD) କାର୍ଯ୍ୟକ୍ରମର ୨୦୨୫-୨୬ ସଂସ୍କରଣ ପାଇଁ ଆବେଦନ ପ୍ରକ୍ରିୟା ଆରମ୍ଭ କରିବା ସମ୍ପର୍କରେ ଘୋଷଣା ସହିତ, ଭାରତର ଛାତ୍ର ନବୋନ୍ମେଷକାରୀ ଏବଂ ପ୍ରାରମ୍ଭିକ ପର୍ଯ୍ୟାୟର ଷ୍ଟାର୍ଟଅପ୍ଗୁଡ଼ିକ ପାଇଁ ନିଜର ଦୀର୍ଘକାଳୀନ ସମର୍ଥନକୁ ଅଧିକ ସୁଦୃଢ଼ କରିଛି। ୨୦୧୯ ମସିହାରେ ଆରମ୍ଭ ହୋଇଥିବା BUILD ଭାରତର ବିଭିନ୍ନ ପ୍ରାନ୍ତରୁ ଆସିଥିବା ସ୍ନାତକ ଏବଂ ପ୍ରାରମ୍ଭିକ ପର୍ଯ୍ୟାୟର ଷ୍ଟାର୍ଟଅପ୍ ଉଦ୍ୟୋଗୀମାନଙ୍କୁ ସେମାନଙ୍କର ନୂତନ ଚିନ୍ତାଧାରାକୁ ଉପସ୍ଥାପନ ଏବଂ ବିକାଶ କରିବାରେ ସାହାଯ୍ୟ କରିଆସୁଛି। ଏହା ସେମାନଙ୍କୁ ବିଭିନ୍ନ ଇନକ୍ୟୁବେଟର, ନିବେଶକ ଏବଂ ବୋଇଂର ଶିଳ୍ପ ବିଶେଷଜ୍ଞଙ୍କ ସହିତ ଯୋଡ଼ି ଦେଉଛି,



ଯାହା ଫଳରେ ଏହି ଚିନ୍ତାଧାରାଗୁଡ଼ିକ ବଜାରଯୋଗ୍ୟ ଏବଂ ପ୍ରୟୋଗଯୋଗ୍ୟ ସମାଧାନରେ ପରିଣତ ହୋଇପାରୁଛି। ଗତ ପାଞ୍ଚଟି ସଂସ୍କରଣ ମଧ୍ୟରେ, ଏହି କାର୍ଯ୍ୟକ୍ରମ ସାରା ଦେଶରେ ହଜାର ହଜାର ଛାତ୍ର ଏବଂ ଷ୍ଟାର୍ଟଅପ୍କୁ ସମର୍ଥନ ପ୍ରଦାନ କରିଛି ଏବଂ ଭାରତର ଷ୍ଟାର୍ଟଅପ୍ ପରିବେଶରେ ବିଶେଷକରି ମହାକାଶ ବିଜ୍ଞାନ, ପ୍ରତିରକ୍ଷା, ପ୍ରଯୁକ୍ତିବିଦ୍ୟା, ସ୍ଥାୟୀ ବିକାଶ ଏବଂ ସାମାଜିକ ପ୍ରଭାବ କ୍ଷେତ୍ରରେ ନୂତନ ଚିନ୍ତାଧାରାକୁ ଆଗକୁ ବଢ଼ାଇଛି। ବିଲ୍ଡ ମ୍ୟାକେସେରୀ, ଉପାଧ୍ୟକ୍ଷ, ଷ୍ଟ୍ରାଟେଜିକ୍ ଏଡ୍ଭୋକେସି ଏବଂ ଗ୍ଲୋବାଲ୍ ଏନଗେଜମେଣ୍ଟ, ବୋଇଂ କହିଛନ୍ତି, ଏକ ଶତାବ୍ଦୀରୁ ଅଧିକ ସମୟ ଧରି ବୋଇଂ ବିଶ୍ୱ ମହାକାଶ ବିଜ୍ଞାନ ନବୋନ୍ମେଷରେ ନେତୃତ୍ୱ ନେଇଆସୁଛି। ଶ୍ରୀ ସଲିଲ ଗୁପ୍ତା, ଉପାଧ୍ୟକ୍ଷ, ବୋଇଂ ଇଣ୍ଡିଆ। ଏବଂ ଦକ୍ଷିଣ ଏସିଆ।, କହିଛନ୍ତି, ଭାରତର ଷ୍ଟାର୍ଟଅପ୍ ସମୁଦାୟ ନିଜ ସହିତ ସାହସିକ ଚିନ୍ତାଧାରା ଏବଂ ଗଭୀର ବୈଷୟିକ ଦକ୍ଷତା ନେଇ ଆସୁଛନ୍ତି।

ଭାରତରେ BUILD କାର୍ଯ୍ୟକ୍ରମକୁ ସଂଗଠିତ ଭାବେ ଆୟୋଜନ କରିବା ପାଇଁ, ଏହି ପାଞ୍ଚମ ସଂସ୍କରଣରେ ବୋଇଂ ଯେଉଁ ସାତଟି ଇନକ୍ୟୁବେଟର ସହିତ ସହଯୋଗ କରିଛି, ସେଗୁଡ଼ିକ ହେଲେ - IISc ବେଙ୍ଗାଲୁରୁ, IIT ବମ୍ବେ, IIT ଦିଲ୍ଲୀ, IIT ଗାନ୍ଧୀନଗର, IIT ମଦ୍ରାସ ଇନକ୍ୟୁବେସନ୍ ସେଲ୍, Society for Innovation and Development, IIT ବେଙ୍ଗାଲୁରୁ, T-Hub ହାଇଦ୍ରାବାଦ ଏବଂ TVS AI-KIT, ଭୁବନେଶ୍ୱର। ଇଚ୍ଛୁକ ଛାତ୍ରଛାତ୍ରୀ ଏବଂ ଉଦ୍ୟୋଗୀମାନେ https://www.boeing.co.in/boeing-in-india/build ମାଧ୍ୟମରେ ଆବେଦନ କରିପାରିବେ। ଆବେଦନର ଶେଷ ତାରିଖ ୪ ଏପ୍ରିଲ ୨୦୨୬।

## ଆମାଜନ ସେଲରେ ୫ଜି ମୋବାଇଲ କିଣିବାକୁ ଲାଗିଛି ଭିଡ଼

**ଭୁବନେଶ୍ୱର, ୪।୨ (ନି.ପ୍ର) :** ଆମାଜନର 'ଗ୍ରେଟ୍ ରିପବ୍ଲିକ୍ ଡେ ସେଲ୍ ୨୦୨୬'ରେ ଏଥର ଗ୍ରାହକଙ୍କ ପ୍ରବଳ ଭିଡ଼ ଜମିଛି। ଲୋକମାନେ ଦାମୀ ଉତ୍ପାଦ ସହିତ ନିଜ ଦୈନନ୍ଦିନ ଜୀବନରେ ବ୍ୟବହାର ହେଉଥିବା ଜରୁରୀ ସାମଗ୍ରୀଗୁଡ଼ିକୁ କିଣିଛନ୍ତି। ଦ୍ରୁତ ଡେଲିଭରି ଏବଂ ସୁବିଧାଜନକ ସେବା ଯୋଗୁଁ ଗ୍ରାହକମାନେ ଏହି ସେଲ୍‌କୁ ବେଶ୍ ପସନ୍ଦ କରିଛନ୍ତି। ଗତ ବର୍ଷ ଅପେକ୍ଷା ଏଥର ପ୍ରାଇମ୍ ଗ୍ରାହକମାନେ ୨.୫ ଗୁଣ ଅଧିକ 'ସମାନ-ଦିନର ବିତରଣ' ସୁବିଧା ପାଇଛନ୍ତି।

ଆମାଜନର ଏହି ବଡ଼ ସେଲ୍‌ରେ ଏଥର ଅନେକ ପରିବର୍ତ୍ତନ ଦେଖିବାକୁ ମିଳିଛି। ଟିୟର-୨ ଓ ୩ ସହରରୁ ବହୁ ନୂଆ ଗ୍ରାହକ ସପିଂରେ ସାମିଲ ହୋଇଛନ୍ତି। ଗ୍ରାହକମାନେ ଏବେ କେବଳ ଶସ୍ତା ନୁହେଁ, ବରଂ ଉନ୍ନତ ଓ ପ୍ରିମିୟମ୍ ବ୍ରାଣ୍ଡ୍ ପ୍ରତି ଅଧିକ ଆକୃଷ୍ଟ ହେଉଛନ୍ତି। ଜିନିଷ ଖୋଜିବା ଏବଂ ବାଛିବା ପାଇଁ ଲୋକେ ଏବେ ଏଆଇ ର ସାହାଯ୍ୟ ନେଉଛନ୍ତି। ପ୍ରାଇମ୍ ସଦସ୍ୟମାନେ ଏହି ସେଲ୍‌ରେ କମ୍ ଦାମରେ ଜିନିଷ କିଣିବା ସହ ଖୁବ୍ ଶୀଘ୍ର ଡେଲିଭରି ପାଇପାରିଛନ୍ତି। ଏହାସହ ସ୍ୱାସ୍ଥ୍ୟକର ସାମଗ୍ରୀର ଚାହିଦା ମଧ୍ୟ ବୃଦ୍ଧି ପାଇଛି। ଚୟନ, ଗତି, ସୁବିଧା ଏବଂ ମୂଲ୍ୟ ପାଇଁ ଗ୍ରାହକମାନେ ଆମାଜନ୍ ଇଣ୍ଡିଆ ଉପରେ ଯେଉଁ ବିଶ୍ୱାସ ରଖିଛନ୍ତି ତାହା ଆମର ମୂଳଦୁଆ ଅଟେ, ଏବଂ ଆମେ ବର୍ଷସାରା ଆମର ଗ୍ରାହକ, ବିକ୍ରେତା ଏବଂ ଅଂଶୀଦାରମାନଙ୍କ ପାଇଁ ଉତ୍ତମ ଅଭିଜ୍ଞତା ସୃଷ୍ଟି କରିବା ପାଇଁ ଏହି ଗତି ଉପରେ କାର୍ଯ୍ୟ କରିବୁ,' ବୋଲି ଆମାଜନ୍ ଇଣ୍ଡିଆ ର ଭାଇସ୍ ପ୍ରେସିଡେଂଟ ସୌରଭ ଶ୍ରୀବାସ୍ତବ କହିଛନ୍ତି। ଦାମୀ ମୋବାଇଲ୍ ଫୋନ୍ କିଣିବାରେ ଏବେ ଗ୍ରାହକଙ୍କ ଆଗ୍ରହ ବଢ଼ିଛି। ଲୋକମାନେ ନିଜର ପୁରୁଣା ଫୋନ୍ ବଦଳାଇ ଓ୍ୱାନପ୍ଲସ୍, ସାମସଙ୍ଗ କିମ୍ବା ଆଇଫୋନ୍ ଭଳି ଭଲ ଫିଚର୍ ଥିବା ନୂଆ ମଡେଲ୍ କିଣୁଛନ୍ତି। ଅନ୍ୟପଟେ, ଶସ୍ତା ଫୋନ୍ (୧୦,୦୦୦ ଟଙ୍କାରୁ କମ୍) ବଜାରରେ ମଧ୍ୟ ଦେଢ଼ ଗୁଣା ଅଭିବୃଦ୍ଧି ହୋଇଛି ଏବଂ ଅଧିକାଂଶ ଲୋକ ୫ଜି ସେବା ଥିବା ଫୋନ୍ କିଣିବାକୁ ଚାହୁଁଛନ୍ତି। ଘରୋଇ ବ୍ୟବହାର୍ଯ୍ୟ ସାମଗ୍ରୀ କ୍ଷେତ୍ରରେ ଚଳିତ ବର୍ଷ ବଡ଼ ଧରଣର ଅଭିବୃଦ୍ଧି ଦେଖିବାକୁ ମିଳିଛି। ଲୋକମାନେ ଏବେ ଅଧିକ ଫିଚର୍ ଏବଂ ନୂତନ ଜ୍ଞାନକୌଶଳ ସମ୍ପନ୍ନ ଜିନିଷକୁ ପସନ୍ଦ କରୁଛନ୍ତି। ବିଶେଷ କରି ଓ୍ୱାଶ-ଡ୍ରାୟରର ବିକ୍ରି ୧୧ ଗୁଣ ବୃଦ୍ଧି ପାଇଥିବା ବେଳେ ବଡ଼ ଫ୍ରିଜ୍ (ସାଇଡ୍-ବାଏ-ସାଇଡ୍) ଏବଂ ୨-ଟନ୍ ଏସିର ଚାହିଦା ଦ୍ୱିଗୁଣିତ ହୋଇଛି। ଏଲଜି, ସାମସଙ୍ଗ ଏବଂ ସୋନି ଭଳି ବ୍ରାଣ୍ଡର ବଡ଼ ସ୍କ୍ରିନ୍ ଟିଭି (୭୫-ଇଂଚ ବା ତା'ଠାରୁ ଅଧିକ) ପାଇଁ ଲୋକଙ୍କ ମଧ୍ୟରେ ପ୍ରବଳ ଉତ୍ସାହ ଦେଖାଦେଇଛି। ଦିନକୁ ମାତ୍ର ୯୯ ଟଙ୍କାରୁ ଆରମ୍ଭ ହେଉଥିବା ଇଏମଆଇ , ବ୍ୟାଙ୍କ ଅଫର୍ ଏବଂ ଏକ୍ସଚେ ସୁବିଧା ଯୋଗୁଁ ଗ୍ରାହକମାନେ ସହଜରେ ଦାମୀ କ୍ୟୁଏଲଇଡି ଟିଭି କିଣିପାରୁଛନ୍ତି।

## ଜିଓ-ବ୍ଲାକରକ୍ ଇନଭେଷ୍ଟମେଣ୍ଟ ଆଡ଼ଭାଇଜର୍ସ ପକ୍ଷରୁ 'ବ୍ୟକ୍ତିଗତ ନିବେଶ ପରାମର୍ଶ' ଶୁଭାରମ୍ଭ

**ମୁମ୍ବାଇ, ୪।୨ (ନି.ପ୍ର):** ଜିଓବ୍ଲାକରକ୍ ଇନଭେଷ୍ଟମେଣ୍ଟ ଆଡ଼ଭାଇଜର୍ସ ପ୍ରାଇଭେଟ୍ ଲିମିଟେଡ୍ ଭାରତରେ 'ଜିଓବ୍ଲାକରକ୍ ବ୍ୟକ୍ତିଗତ ନିବେଶ ପରାମର୍ଶ' ଶୁଭାରମ୍ଭ କରିଛି। ଏହା ଏକ ଡିଜିଟାଲ୍ ନିବେଶ ପରାମର୍ଶଦାତା ପ୍ଲାଟଫର୍ମ। କମ୍ପାନୀ ଭାରତୀୟମାନଙ୍କୁ କେବଳ ସଞ୍ଚୟକାରୀ ନୁହେଁ, ସ୍ମାର୍ଟ ନିବେଶକ ହେବା ପାଇଁ ସଶକ୍ତ କରିବାକୁ ଲକ୍ଷ୍ୟ ରଖିଛି। ଜିଓବ୍ଲାକରକ୍ ଇନଭେଷ୍ଟମେଣ୍ଟ ଆଡ଼ଭାଇଜର୍ସ ପ୍ରାଇଭେଟ୍ ଲିମିଟେଡ୍ ହେଉଛି ଜିଓ ଫାଇନାନସିଆଲ ସର୍ଭିସେସ ଏବଂ ବ୍ଲାକରକ ମଧ୍ୟରେ ଏକ ୫୦:୫୦ ଅନୁପାତର ମିଳିତ ଉଦ୍ୟୋଗ।

ଏହି ଅବସରରେ, ଜିଓ ଫାଇନାନସିଆଲ ସର୍ଭିସେସର ଅଣ-କାର୍ଯ୍ୟନିର୍ବାହୀ ନିର୍ଦ୍ଦେଶିକା ଇଶା ଏମ୍. ଅମ୍ବାନୀ କହିଛନ୍ତି ଯେ ପ୍ରତ୍ୟେକ ଭାରତୀୟଙ୍କ ଆର୍ଥିକ ମଜଭୁତି ଦେଶକୁ 'ବିକଶିତ ଭାରତ ୨୦୪୭' ଆଡକୁ ନେବା ପାଇଁ ଅତ୍ୟାବଶ୍ୟକ। ଜିଓବ୍ଲାକରକ୍ ଭାରତକୁ ସଞ୍ଚୟକାରୀଙ୍କ ଦେଶରୁ ଆତ୍ମବିଶ୍ୱାସ ଭରା ନିବେଶକଙ୍କ ଦେଶରେ ପରିଣତ କରିବାକୁ ଲକ୍ଷ୍ୟ ରଖିଛି। ସେ କହିଛନ୍ତି ଯେ ଜିଓର ବ୍ୟାପକ ଡିଜିଟାଲ୍ ଉପସ୍ଥିତି ଏବଂ ବ୍ଲାକରକର ବିଶ୍ୱସ୍ତରୀୟ ନିବେଶ ଅଭିଜ୍ଞତା ଜରିଆରେ ଜନସାଧାରଣଙ୍କ ପାଇଁ ବିଶ୍ୱସ୍ତରୀୟ ନିବେଶ ପରାମର୍ଶ ଉପଲବ୍ଧ ହେବ।

ନୂତନ ଡିଜିଟାଲ୍ ପରାମର୍ଶ ସେବା ଅଧୀନରେ, ନିବେଶକ ମାନେ ମାତ୍ର ୧୦,୦୦୦ ଟଙ୍କା ସହିତ ନିବେଶ ଆରମ୍ଭ କରିପାରିବେ। ନିବେଶକମାନଙ୍କୁ ସେମାନଙ୍କର ଲକ୍ଷ୍ୟ ଏବଂ ରିସ୍କ କ୍ଷମତା ଉପରେ ଆଧାରିତ ଏକ



ବ୍ୟକ୍ତିଗତ ନିବେଶ ପ୍ଲାନ ପ୍ରଦାନ କରାଯିବ, ଯାହାର ନିରୀକ୍ଷଣ ଅତ୍ୟାଧୁନିକ ପ୍ରଯୁକ୍ତିବିଦ୍ୟା ବ୍ୟବହାର କରି କରାଯିବ। ଯାହାଦ୍ୱାରା ବଜାରର ସ୍ଥିତି ଉପରେ ଅନୁଯାୟୀ ସମୟ ସମୟରେ ପୁନଃସନ୍ତୁଳନ ବା ରି-ବାଲାନ୍ସିଙ୍ଗ ପରାମର୍ଶ ପ୍ରଦାନ କରିବ।

ଏହି ସେବାର ମୂଲ୍ୟ ମଧ୍ୟ ସାଧାରଣ ନିବେଶକଙ୍କୁ ଦୃଷ୍ଟିରେ ରଖି ସ୍ଥିର କରାଯାଇଛି। ବାର୍ଷିକ ଶୁଳ୍କ ୩୫୦ ଟଙ୍କା ରଖାଯାଇଥିବା ବେଳେ ୧ ଲକ୍ଷ ଟଙ୍କାରୁ ଅଧିକ ଆସେଟ୍ସ ଅଣ୍ଡର ଆଡ଼ଭାଇଜରୀ (ଏୟୁଏ) ଉପରେ ବାର୍ଷିକ ୦.୩୫ ପ୍ରତିଶତ ଶୁଳ୍କ ଲାଗିବ। ଏହି ସେବା ପ୍ରଥମ ତିନି ମାସ ପାଇଁ ମାଗଣା ପ୍ରଦାନ କରାଯିବ। ଏବେ ପର୍ଯ୍ୟନ୍ତ, ବ୍ୟକ୍ତିଗତ ନିବେଶ ପରାମର୍ଶ କେବଳ ଉଚ୍ଚ ନେଟୱର୍ଥ ନିବେଶକଙ୍କ ପର୍ଯ୍ୟନ୍ତ ସୀମିତ ରହିଆସିଛି, କାରଣ ଏଥିରେ ଉଚ୍ଚ ନିବେଶ ଓ ରିଲେସନସିପି ମ୍ୟାନେଜର ଆଧାରିତ ମଡେଲ ସାମିଲ ରହିଥିଲା। ଏହି ସେବା ବର୍ତ୍ତମାନ ଜିଓ ଫାଇନାନ୍ସ ଆପରେ ଉପଲବ୍ଧ ରହିଛି ଏବଂ ଖୁବ୍ ଶୀଘ୍ର ମାଇଁ ଜିଓ ଆପରେ ମଧ୍ୟ ଶୁଭାରମ୍ଭ କରାଯିବ।

ବ୍ଲାକରକ୍ ସିଓଓ ରବ୍ ଗୋଲ୍ଡଷ୍ଟିନ୍ ଏହାକୁ ଭାରତରେ ନିବେଶ ପରାମର୍ଶ ପାଇଁ ଏକ ନୂତନ ମାନଦଣ୍ଡ ଭାବରେ ବର୍ଣ୍ଣନା କରି କହିଛନ୍ତି ଯେ ଆଲାଦିନର ସଂସ୍ଥାଗତ-ଗୁଣବତ୍ତା ବିଶିଷ୍ଟ ରିସ୍କ ବିଶ୍ଳେଷଣ ଏବଂ ଜିଓର ବ୍ୟାପକ ଡିଜିଟାଲ ଉପଲବ୍ଧତା ଜରିଆରେ ଲକ୍ଷ ଲକ୍ଷ ଭାରତୀୟଙ୍କ ପାଖରେ ବ୍ୟକ୍ତିଗତ ନିବେଶ ପରାମର୍ଶ ପହଞ୍ଚିବ। ଜିଓବ୍ଲାକରକ୍ ଇନଭେଷ୍ଟମେଣ୍ଟ ଆଡ଼ଭାଇଜର୍ସର ସିଇଓ ମାର୍କ ପିଲଗ୍ରିମ୍ କହିଛନ୍ତି ଯେ ଭାରତ ଆର୍ଥିକ ଅନ୍ତର୍ଭୁକ୍ତିକରଣରେ ବହୁତ ବଡ଼ ପ୍ରଗତି କରିଛି ଏବଂ ପରବର୍ତ୍ତୀ ପଦକ୍ଷେପ ହେଉଛି ସମ୍ପତ୍ତି ଅନ୍ତର୍ଭୁକ୍ତିକରଣ।

## ଆଇଜିଆଇ ଏଜିଏଲ୍ କୁ ଅଧିଗ୍ରହଣ କରିଛି, ରଙ୍ଗୀନ ଜେମ୍‌ଷ୍ଟୋନ୍ ପ୍ରମାଣନରେ ବିଶ୍ୱସ୍ତରୀୟ ସଂପ୍ରସାରଣ

**ନ୍ୟୁୟର୍କ / ମୁମ୍ବାଇ , ୪।୨ (ନି.ପ୍ର):** ବିଶ୍ୱର ସର୍ବବୃହତ ଏବଂ ସବୁଠାରୁ ବିଶ୍ୱସ୍ତ ସ୍ୱାଧୀନ ହୀରା ଗ୍ରେଡିଂ ଏବଂ ପ୍ରମାଣପତ୍ର ସଂଗଠନ ମଧ୍ୟରୁ ଗୋଟିଏ, ଇଂଟରନ୍ୟାସନାଲ୍ ଜେମୋଲୋଜିକାଲ୍ ଇନଷ୍ଟିଚ୍ୟୁଟ୍ (ଆଇଜିଆଇ), ଆଜି ରଙ୍ଗୀନ-ଜେମଷ୍ଟୋନ୍ ବିଶ୍ଳେଷଣ ଏବଂ ଉତ୍ପତି ରିପୋର୍ଟିଂରେ ଏକ ବିଶ୍ୱସ୍ତରୀୟ ଲିଡର ଆମେରିକାନ୍ ଜେମୋଲୋଜିକାଲ୍ ଲାବୋରେଟୋରୀ (ଏଜିଏଲ୍) ର ଅଧିଗ୍ରହଣ ଘୋଷଣା କରିଛି। ଏହି କାରବାର ରଙ୍ଗୀନ ରତ୍ନପଥରରେ ଗଭୀରତମ ବୈଜ୍ଞାନିକ ବିଶେଷଜ୍ଞତା ସହିତ ଅତୁଳନୀୟ ବିଶ୍ୱସ୍ତରୀୟ ସ୍କେଲ ଏବଂ ଭିତିଭୂମିକୁ ଏକତ୍ରିତ କରେ, ବିଶ୍ୱସ୍ତରୀୟ ମଣି ଏବଂ ଅଳଙ୍କାର ଶିଳ୍ପରେ ପ୍ରମାଣପତ୍ର ଏବଂ ବିଶ୍ୱାସର ଅଗ୍ରଭାଗରେ ମିଳିତ ଗୋଷ୍ଠୀକୁ ସ୍ଥାନିତ କରେ। ଏହି ଅଧିଗ୍ରହଣ ଏକ ବିଶ୍ୱସ୍ତରୀୟ ପ୍ରମାଣପତ୍ର ପ୍ଲାଟଫର୍ମ ସୃଷ୍ଟି କରେ ଯାହା ଆଇଜିଆଇ ର ଶିଳ୍ପ-ଅଗ୍ରଣୀ ସ୍କେଲ, ଭିତିଭୂମି ଏବଂ ବଜାର ପହଂଚକୁ ଏଜିଏଲ୍ ର ଗଭୀର ବୈଜ୍ଞାନିକ ବିଶେଷଜ୍ଞତା ଏବଂ ରଙ୍ଗୀନ ରତ୍ନପଥରରେ ଅଗ୍ରଣୀ ନେତୃତ୍ୱ ସହିତ ମିଶ୍ରଣ କରେ। ଏକତ୍ର, ଆଇଜିଆଇ ଏବଂ ଏଜିଏଲ୍ ବିଶ୍ୱସ୍ତରୀୟ ମଣି ଏବଂ ଅଳଙ୍କାର ଶିଳ୍ପରେ ବର୍ଦ୍ଧିତ ବିଶ୍ୱାସ, ସ୍ୱଚ୍ଛତା ଏବଂ ନବସୃଜନ ପ୍ରଦାନ କରିବ, ଯେତେବେଳେ ଉଭୟ ସଂଗଠନକୁ ଆଧାର କରୁଥିବା ବୈଜ୍ଞାନିକ ସ୍ୱାଧୀନତା ଏବଂ ଅଖଣ୍ଡତାକୁ ସଂରକ୍ଷଣ କରିବ। ଆଇଜିଆଇ ର ମ୍ୟାନେଜିଂ ଡାଇରେକ୍ଟର ଏବଂ ଗ୍ଲୋବାଲ୍ ଚିଫ୍ ଏକ୍ଜିକ୍ୟୁଟିଭ୍ ଅଫିସର ତେହମାସ୍ପ ପ୍ରିଂଟର କୁହନ୍ତି: ଏହା ଶିଳ୍ପ ପାଇଁ ଏକ ପରିବର୍ତନଶୀଳ ପଦକ୍ଷେପ। ରଙ୍ଗୀନ ରତ୍ନପଥରରେ ଏଜିଏଲ୍ ର ବୈଜ୍ଞାନିକ ନେତୃତ୍ୱକୁ ଆଇଜିଆଇର ବିଶ୍ୱସ୍ତରୀୟ ପ୍ଲାଟଫର୍ମ ସହିତ ମିଶ୍ରଣ କରି, ଆମେ ଏକ ଭବିଷ୍ୟତ-ପ୍ରସ୍ତୁତ ପ୍ରମାଣନ ଇକୋସିଷ୍ଟମ ନିର୍ମାଣ କରୁଛୁ ଯାହା ଅଖଣ୍ଡତା କିମ୍ବା ବିଜ୍ଞାନ ସହିତ କୌଣସି ପ୍ରକାରର ବୁଝାମଣା ନକରି ପରିମାଣ ପ୍ରଦାନ କରେ। ଏକାଠି, ଆମେ ଜେମଷ୍ଟୋନ୍ ପ୍ରମାଣପତ୍ରରେ ବିଶ୍ୱାସ, ସ୍ୱଚ୍ଛତା ଏବଂ ସ୍ଥିରତା ପାଇଁ ଏକ ନୂତନ ବିଶ୍ୱସ୍ତରୀୟ ମାନଦଣ୍ଡ ସ୍ଥାପନ କରୁଛୁ। କୌଶଳଗତ ଆଲାଏନ୍ସ: ଆଇଜିଆଇ ଏଜିଏଲ୍ କୁ ଏହାର ବିଶ୍ୱ ଭିତିଭୂମିରେ ପ୍ରବେଶ ପ୍ରଦାନ କରିବ, ଏହାଦ୍ୱାରା ଏଜିଏଲ୍ କୁ ଆମେରିକା ବଜାର ବାହାରେ ଏହାର କଲର ଜେମଷ୍ଟୋନ୍ ପ୍ରମାଣପତ୍ର ସେବାଗୁଡ଼ିକୁ ବିସ୍ତାର କରିବାର ସୁଯୋଗ ପ୍ରଦାନ କରିବ। ଆଇଜିଆଇ ପାଇଁ, ଏହି କାରବାର ଏହାର ଲକ୍ଷ୍ୟଯୋଗ୍ୟ ବଜାରକୁ ବିସ୍ତାର କରେ, ଦ୍ରୁତ-ବର୍ଦ୍ଧିଷ୍ଣୁ କଲର ଜେମଷ୍ଟୋନ୍ ସେଗମେଂଟରେ ରାଜସ୍ୱ ପ୍ରବାହକୁ ବିବିଧ କରେ ଏବଂ କ୍ରସ୍-ମାର୍କେଟ୍ ସମନ୍ୱୟ ଏବଂ ବିସ୍ତାରିତ ଗବେଷଣା କ୍ଷମତା ମାଧ୍ୟମରେ ଦୀର୍ଘକାଳୀନ ଅଭିବୃଦ୍ଧିକୁ ସମର୍ଥନ କରେ। ବ୍ୟବସାୟ ନିରନ୍ତରତା: କ୍ରିସ୍ ସ୍ମିଥ୍ ଏଜିଏଲ୍ ର ପ୍ରେସିଡେଂଟ ଏବଂ ଚିଫ୍ ଜେମୋଲୋଜିଷ୍ଟ ଭାବରେ କାର୍ଯ୍ୟ କରିବେ। ପ୍ରୟୋଗଶାଳାଟି ଆମେରିକାର ନ୍ୟୁୟର୍କରେ ମୁଖ୍ୟାଳୟ ରହିବ, ଏହାର ସମ୍ମାନିତ ବ୍ରାଣ୍ଡ ଏବଂ ଦୀର୍ଘକାଳୀନ ନେତୃତ୍ୱ ଅଧୀନରେ ସ୍ୱାଧୀନ ଭାବରେ କାର୍ଯ୍ୟ କରିବ, ବୈଜ୍ଞାନିକ ଉତ୍କର୍ଷତା ପ୍ରତି ଏହାର ପ୍ରତିବଦ୍ଧତା ବଜାୟ ରଖିବ। କୌଣସି ତୁରନ୍ତ କାର୍ଯ୍ୟକ୍ଷମ ପରିବର୍ତନ ଯୋଜନା କରାଯାଇ ନାହିଁ; ବିଶ୍ୱ ବଜାରର ଆବଶ୍ୟକତାକୁ ପୂରଣ କରୁଥିବା ନୂତନ ଉପକରଣ, ରିପୋର୍ଟିଂ ଫର୍ମାଟ୍ ଏବଂ ଉତ୍ପତି ସେବା ବିକାଶ କରିବାରେ ସହଯୋଗ କରିବା ସହିତ ଉଭୟ ସଂଗଠନ ସମାନ ବୈଷୟିକ ମାନଦଣ୍ଡ ଏବଂ କ୍ଲାଏଂଟ ସେବା ସ୍ତର ପ୍ରଦାନ କରିବ।

## ମଣିପାଲ୍ ହସ୍ପିଟାଲ୍ ଭୁବନେଶ୍ୱରରେ ଅତ୍ୟାଧୁନିକ ରୋବୋଟିକ୍ ସହାୟତାପ୍ରାପ୍ତ ନାଭିଗେସନ୍ ସହିତ ଜଟିଳ ହିପ୍ ସର୍ଜରୀ ସଫଳ

**ଭୁବନେଶ୍ୱର, ୪।୨ (ନି.ପ୍ର):** ଭୁବନେଶ୍ୱରର ୪୫ ବର୍ଷୀୟ ବାସିନ୍ଦା କପିଳେଶ୍ୱର ସାହୁ ଗତ ଏକ ମାସ ପୂର୍ବରୁ ହୋଇଥିବା ଏକ ଦୁର୍ଘଟଣା ପରେ ଡାହାଣ ହିପ୍‌ରେ ଭୀଷଣ ଯନ୍ତ୍ରଣା ଏବଂ ଚଳାବୁଲାରେ ଅସୁବିଧା ଅନୁଭବ କରୁଥିଲେ। ଠିକ୍ ସମୟରେ ରୋଗ ଚିହ୍ନଟ ନହେବାରୁ ହିପ୍ କାର୍ଯ୍ୟକ୍ଷମତା ଧୀରେଧୀରେ ଖରାପ ହୋଇଯାଇଥିଲା। ଚାଲିବା, ବସିବା, ତଳେ ବସିବା ଭଳି ଦୈନନ୍ଦିନ କାମ କରିବା ବେଳେ ସେ କଷ୍ଟ ଅନୁଭବ କରୁଥିଲେ । ତାଙ୍କର ଯନ୍ତ୍ରଣା ଅଧିକ ହେବା ପରେ ସେ ଚିକିତ୍ସା ପାଇଁ ମଣିପାଲ୍ ହସ୍ପିଟାଲ୍ ଭୁବନେଶ୍ୱରକୁ ଆସିଥିଲେ।

ସମ୍ପୂର୍ଣ୍ଣ ଚିକିତ୍ସା ପରୀକ୍ଷା ପରେ ଡାକ୍ତର ସୁନିଲ କୁମାର ଦାଶ (ସିନିଅର କନସଲଟାଣ୍ଟ ଓ ଡାଇରେକ୍ଟର-ଅର୍ଥୋପେଡିକସ୍)ଙ୍କ ନେତୃତ୍ୱରେ ଏକ ଡାକ୍ତରୀ ଦଳ ତାଙ୍କ ବୟସ, କାମ ଓ ଦୈନନ୍ଦିନ ଆବଶ୍ୟକତାକୁ ଧ୍ୟାନରେ ରଖି ରୋବୋଟିକ୍ ସହାୟତାପ୍ରାପ୍ତ ଟୋଟାଲ୍ ହିପ୍ ରିପ୍ଲେସମେଣ୍ଟ ସର୍ଜରୀ କରିବାକୁ ପରାମର୍ଶ କରିଥିଲେ । ଅତ୍ୟାଧୁନିକ ରୋବୋଟିକ୍



ସହାୟତାପ୍ରାପ୍ତ ନାଭିଗେସନ୍ ସହିତ ଡାଇରେକ୍ଟ ଏଣ୍ଟିରିଅର୍ ଆପ୍ରୋଚ୍" (DAA) ପଦ୍ଧତି ଦ୍ୱାରା ମାଂସପେଶୀକୁ କମ୍ କାଟି ଅପରେସନ୍ କରାଯାଇଥିଲା, ଯାହାର ଫଳରେ ରକ୍ତସ୍ରାବ କମ୍ ହୋଇଥିଲା ଓ ସୁସ୍ଥ ହେବାର ସମୟ ମଧ୍ୟ ଶୀଘ୍ର ହେଲା।

ରୋବୋଟିକ୍ ପ୍ରଯୁକ୍ତି ଦ୍ୱାରା ହିପ୍ ଇମ୍ପ୍ଲାଣ୍ଟ ସଠିକ୍ ଭାବରେ ବସାଇବା, ଦୁଇ ପାଦର ଲମ୍ବାଇ ସମାନ ରଖିବା ଓ ସନ୍ଧିର ସଠିକ୍ ସମନ୍ୱୟ କରିବା ସମ୍ଭବ ହୋଇଥିଲା। ଏଥିରେ ହିପ୍ ଖସିବାର ସମ୍ଭାବନା କମ ଏବଂ ଦୀର୍ଘକାଳୀନ ଫଳାଫଳ ଭଲ ହେବାର ସଫଳତା ଅଧିକ।

ଅପରେସନ୍ ପରେ ରୋଗୀଙ୍କୁ ଅତି କମ୍ ଯନ୍ତ୍ରଣା ହୋଇଥିଲା। ସର୍ଜରୀର ପର ଦିନଠାରୁ ସେ ଚାଲିବା ଆରମ୍ଭ କରିଥିଲେ ଏବଂ ୩ ଦିନ ମଧ୍ୟରେ ହସ୍ପିଟାଲ୍‌ରୁ ଘରକୁ ଫେରିଥିଲେ। ପରବର୍ତ୍ତୀ ଯାଞ୍ଚରେ ସେ ସ୍ୱାଧୀନଭାବେ ଚାଲିପାରୁଥିବା ସହିତ ତଳେ ବସିପାରୁଥିବା ମଧ୍ୟ ଦେଖାଗଲା, ଯାହା ତାଙ୍କର ସାଧାରଣ ଜୀବନକୁ ଫେରିଥିବାରୁ ସେ ଖୁସୀ ଅନୁଭବ କରିଥିଲେ।

ଏହି ସଫଳ ଚିକିତ୍ସା ସମ୍ପର୍କରେ ଡାକ୍ତର ସୁନିଲ କୁମାର ଦାଶ କହିଛନ୍ତି, "କାମ କରୁଥିବା ବୟସର ଲୋକଙ୍କ ପାଇଁ କେବଳ ଯନ୍ତ୍ରଣା କମାଇବା ନୁହେଁ, ସାଧାରଣ ଭାବେ ଚଳାଚଳ କରିପାରିବା ମଧ୍ୟ ଅତ୍ୟନ୍ତ ଜରୁରୀ। ସଠିକ୍ ପ୍ରଯୁକ୍ତି ଓ କମ୍ କ୍ଷତିକାରକ ରୋବୋଟିକ୍ ସର୍ଜରୀ ଏଥିରେ ମୁଖ୍ୟ ଭୂମିକା ନିଭାଏ।"

ଏହି ଘଟଣା ଦେଖାଉଛି ଯେ ସମୟରେ ରୋଗ ଚିହ୍ନଟ ଓ ସଠିକ୍ ଚିକିତ୍ସା ପଦ୍ଧତି ଦ୍ୱାରା ଜଟିଳ ହିପ୍ ଆଘାତ ପରେ ମଧ୍ୟ ଲୋକମାନେ ପୁନର୍ବାର ସ୍ୱାଧୀନ ଓ ସାଧାରଣ ଜୀବନକୁ ଫେରିପାରନ୍ତି।

